ଧରିତ୍ରୀ
DHARITRI
June 30- July 06, 2024 ₹ 2/-

ଧରିତ୍ରୀ 50 Years

# ଛୁଟିଦିନ

# ରକ୍ତଦାତା

ଜୀବନ ବଞ୍ଚାଇବା ପାଇଁ ଯେବେ ଯେବେ ରକ୍ତର
ଆବଶ୍ୟକତା ପଡ଼େ ସେତେବେଳେ ଖୋଜାପଡ଼ନ୍ତି
ରକ୍ତଦାତା। ଯିଏ ନିଃସର୍ତ୍ତରେ ରକ୍ତ ଦେଇ ବଞ୍ଚାନ୍ତି ଜୀବନ।
ସେମିତି କେତେଜଣ ରକ୍ତଦାତାଙ୍କ କଥା;
ଯିଏ ଥରେ କି ଦୁଇ ଥର ନୁହେଁ ଶତାଧିକ ଥର
ରକ୍ତଦାନ କରି ବଞ୍ଚାଇଛନ୍ତି ଜୀବନ...

..............................

ପ୍ରଚ୍ଛଦ ପ୍ରସଙ୍ଗ
୩




## ଉପକାରୀ ଇଣ୍ଡୋର୍ ପ୍ଲାଣ୍ଟ

**ଇଣ୍ଡୋର୍ ପ୍ଲାଣ୍ଟ କେବଳ ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରେନାହିଁ ଘର ପରିବେଶକୁ ବିଶୁଦ୍ଧ କରିବା ସହ ଘରେ ସକାରାତ୍ମକ ଉର୍ଜ୍ଜା ଉତ୍ପନ୍ନ କରିଥାଏ। ତେବେ ଏମିତି ବି କିଛି ଗଛ ରହିଛି ଯାହାକୁ ଘରେ ଲଗାଇଲେ ଐଶ୍ୱର୍ଯ୍ୟ ବୃଦ୍ଧି ହେବା ସହ ସୁଖଶାନ୍ତି ବଢ଼ିଥାଏ...**

✻ ବାମ୍ବୋ ପ୍ଲାଣ୍ଟ ଘରକୁ ସୁଖ, ଶାନ୍ତି, ସୌଭାଗ୍ୟ ଓ ପ୍ରସିଦ୍ଧି ଆଣିଥାଏ। ଏହାକୁ ଲିଭିଂ ରୁମ୍‌ରେ ରଖିବା ଶୁଭ ହୋଇଥାଏ। ତା'ଛଡ଼ା ଅଫିସ୍ ଡେସ୍କରେ ବି ଏହାକୁ ରଖିପାରିବେ। ଆବଶ୍ୟକ ହେଲେ କାହାକୁ ଗିଫ୍ଟ ଆକାରରେ ବି ଏହି ପ୍ଲାଣ୍ଟ ଦେଇପାରିବେ।

✻ ମନିପ୍ଲାଣ୍ଟକୁ ଇଣ୍ଡୋର ପ୍ଲାଣ୍ଟ ଭାବେ ଘର ଭିତରେ ରଖିହେବ। ଯଦି ସୁବିଧା ନାହିଁ ତା'ହେଲେ ଅଗଣାରେ ବି ଲଗାଇହେବ। ଖାସ୍ କରି ଘରର ଦକ୍ଷିଣ-ପୂର୍ବ କୋଣରେ ଏହି ଗଛକୁ ଲଗାଇବା ଦ୍ୱାରା ଘରର ଐଶ୍ୱର୍ଯ୍ୟ ବୃଦ୍ଧି ପାଇଥାଏ।

✻ ପ୍ରେମ ଓ ସଦ୍‌ଭାବର ପ୍ରତୀକ



କୁହାଯାଉଥିବା ପିସ୍ ଲିଲିକୁ ଖାସ୍ କରି ବେଡ୍‌ରୁମ୍‌ରେ ଲଗାଇଲେ ନିଦ ଭଲ ହେବା ସହ ଦୁଃସ୍ୱପ୍ନ ଆସି ନଥାଏ। ତା'ଛଡ଼ା ପତ୍ନୀପତିଙ୍କ ସମ୍ପର୍କ ବି ନିବିଡ଼ ହୋଇଥାଏ।

✻ ସ୍ନେକ୍ ପ୍ଲାଣ୍ଟ ବି ସକାରାତ୍ମକ ଉର୍ଜ୍ଜାକୁ ଆକର୍ଷିତ କରିଥାଏ। ତା'ଛଡ଼ା ଏହା ଏକ ଏୟାର୍ ପ୍ୟୁରିଫାୟାର୍ ପ୍ଲାଣ୍ଟ ମଧ୍ୟ। ସେଥିପାଇଁ ଏହାକୁ ଘରେ ବିଶେଷକରି ଝରକା ପାଖରେ ରଖିଲେ ଘରର ବାତାବରଣ ସ୍ୱଚ୍ଛ ରହିଥାଏ ବୋଲି ବିଶ୍ୱାସ କରାଯାଏ।

✻ ରବର ପ୍ଲାଣ୍ଟକୁ ବି ଘର ଭିତରେ ଲଗାଇବା ଶୁଭ। କାରଣ ଏହି ଗଛ ଆର୍ଥିକ ସମୃଦ୍ଧି ଆଣିବାରେ ବିଶେଷ ସହାୟକ ହୋଇଥାଏ ବୋଲି ବିଶ୍ୱାସ କରାଯାଏ। ଏହି ଗଛକୁ ଘରର ଦକ୍ଷିଣ-ପୂର୍ବ ଦିଗରେ ଲଗାଇବା ଶୁଭ ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁନ୍ ୩୦- ଜୁଲାଇ ୬

**ମେଷ**
ସ୍ୱାସ୍ଥ୍ୟସମସ୍ୟା ସୁଧୁରିଯିବ, ମାନସିକ ସ୍ଥିରତା ଫେରିବ, ଯାତ୍ରାରେ ସୁଫଳ, ଆମୋଦପ୍ରମୋଦର ମଉକା, ପଦମର୍ଯ୍ୟାଦା ବୃଦ୍ଧି, ନୂତନ ମିତ୍ରତା ସୃଷ୍ଟି, ସନ୍ତାନଙ୍କ ବିଶୃଙ୍ଖଳା, ପାରିବାରିକ ଦୁଶ୍ଚିନ୍ତା, କ୍ରୀଡା ଚଳଚ୍ଚିତ୍ରରେ ବିବାଦ, ନୂତନ ଗୃହାରମ୍ଭ ॥

**ବୃଷ**
କର୍ମକ୍ଷେତ୍ରରେ ଉନ୍ନତି, ଅବିଶ୍ୱସନୀୟ ବନ୍ଧୁତା, ପରିବାରରୁ ତାଗିଦା, ବୁଝାମଣାରେ ବ୍ୟତିକ୍ରମ, ବିବ୍ରତ ହୋଇପାରନ୍ତି, ଅବସାଦ ବଢ଼ିବ, ଗୃହୋପକରଣ କ୍ରୟ, ଘଟଣାର ଦିଗ ପରିବର୍ତ୍ତନ, ସାମାଜିକ ସମ୍ମାନ, ଯାତ୍ରାସ୍ଥଗିତ ରହିବ ॥

**ମିଥୁନ**
ନୂତନ ପ୍ରକଳ୍ପାରମ୍ଭ, ବିବାଦର ଅବସାନ, ବିଳାସପ୍ରିୟ ହେବେ, ପ୍ରତୀକ୍ଷିତ ଖବର ପାଇବେ, ଖଳଲୋକଙ୍କ ଅପପ୍ରଚାର, ବିଚଳିତବୋଧ କରିବେ, ପାରିବାରିକ ଉଦାସୀନତା, ଅଶୌଚ ଖବରପ୍ରାପ୍ତି, ନୂତନ ନିଯୁକ୍ତି ଖବର ॥

**କର୍କଟ**
କର୍ମଜଞ୍ଜାଳ ବୃଦ୍ଧି, ଭ୍ରମଣଜନିତ ଅସୁସ୍ଥତା, ଗୃହସୀମାରେ କଳହ, ପୈତୃକ ସମ୍ପତିରେ ବିବାଦ, ସାମାଜିକସ୍ତରରେ ସମ୍ମାନ, ଧର୍ମକାର୍ଯ୍ୟରେ ଦ୍ୱନ୍ଦ୍ୱ, ସମସ୍ୟାର ସମାଧାନ, ଶୁଭଖବର ପାଇବେ ॥

**ସିଂହ**
ଉଚ୍ଚଚିନ୍ତା କରିବେ, ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ୍ୟ, ସହକର୍ମୀଙ୍କ ସୁପରାମର୍ଶ, ସ୍ଥଗିତ କାମରୁ କୈଫିୟତ୍, ସ୍ତ୍ରୀଙ୍କ ପ୍ରେରଣାରୁ ଉପକୃତ, ଶୁଭଖବରରୁ ଖୁସି, ଖୁସିଗପର ମଉକା, ସତ୍‌ସଙ୍ଗରୁ ସୁଯୋଗ, ଧର୍ମକାର୍ଯ୍ୟ ପ୍ରତି ରୁଚି, ଲୋକସମ୍ପର୍କ ବଢ଼ିବ ॥

**କନ୍ୟା**
ଫଳପ୍ରଦ ଆଲୋଚନା, ଆଶାବାଦୀ ହେବେ, ଦୂରଯାତ୍ରାରେ ସଫଳତା, ସଭାସମିତିକୁଆହ୍ୱାନ, କାର୍ଯ୍ୟରେ ସଫଳତା, ସମ୍ମାନନୀୟ ବ୍ୟକ୍ତିଙ୍କ ଶୁଭେଚ୍ଛା, ପ୍ରକାଶନରେ ସମସ୍ୟା, ବିବାଦ ଘେରରେ ପଡିପାରନ୍ତି, ମାମଲା ଶୁଣାଣିରେ ବିଳମ୍ବ,ଏଜେନ୍ସିପ୍ରରୁ ଲାଭବାନ ହେବେ ॥

**ତୁଳା**
ମାନସିକ ଅସ୍ଥିରତା, ବନ୍ଧୁମିଳନର ଆୟୋଜନ, ଆନୁଷ୍ଠାନିକ କର୍ମାରମ୍ଭ, ଯାନ୍ତ୍ରିକ ଶିଳ୍ପରେ ଉନ୍ନତି, ବନ୍ଧୁ ବିରୋଧି ହେବେ, ଯାନ୍ତ୍ରିକ ତ୍ରୁଟି, ଧର୍ମକାର୍ଯ୍ୟ ପାଇଁ ପ୍ରେରଣା, ସମ୍ପର୍କୀୟଙ୍କ ଅପପ୍ରଚାର, ସମାଲୋଚିତ ହେବେ, କଳା ସାହିତ୍ୟରୁ ସୁନାମ ॥

**ବିଛା**
ଆତ୍ମବିଶ୍ୱାସ ବୃଦ୍ଧି, ମାନସିକ ଶାନ୍ତି, ଭୋଗବିଳାସର ମଉକା, ଅର୍ଥ ପ୍ରାଚୁର୍ଯ୍ୟରୁ ଆନନ୍ଦ, ସାମାଜିକ ସମ୍ମାନ, ମୂଲ୍ୟବାନ ଦ୍ରବ୍ୟ ଲାଭ, କାମରେ ଅବହେଳା, ଉଚ୍ଚବର୍ଗଙ୍କ ତାଗିଦ୍, ଶାରୀରିକ ଅସୁସ୍ଥତା, ରଚନାତ୍ମକ କାମରୁ ପ୍ରଶଂସା, ଯାତ୍ରାକାଳୀନ ଅସୁବିଧା ॥

**ଧନୁ**
ବନ୍ଧୁଙ୍କ ସାହାଯ୍ୟ ସହଯୋଗ, ନୂତନ ନିଯୁକ୍ତି ସୁଯୋଗ, ପଡୋଶୀଙ୍କ ଅପପ୍ରଚାର, ନୂତନ କାମରେ ପ୍ରତିବନ୍ଧକ, ନିଜ ଲୋକଙ୍କ ବିଶ୍ୱାସ ଘାତକତା, ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ, ପାରିବାରିକ ସୌଖ୍ୟ, ଭ୍ରାତୃ ସମ୍ପର୍କରେ ଉନ୍ନତି, ଯୋଗଶିକ୍ଷାରେ ରୁଚି ॥

**ମକର**
ସ୍ୱାସ୍ଥ୍ୟସମସ୍ୟା ବୃଦ୍ଧି, ପାରିବାରିକ ମତାନ୍ତର, ଭୁଲ୍ ବୁଝାମଣାରୁ କଳହ, ସରକାରୀ ସହାୟତା, ତୀର୍ଥାଟନର ସୁଯୋଗ, ସତ୍‌ସଙ୍ଗର ସାନ୍ନିଧ୍ୟ, କର୍ମଜଞ୍ଜାଳ ବୃଦ୍ଧି, ସମସ୍ୟା ସମାଧାନ, ସ୍ଥଗିତ କାମରେ ଅଗ୍ରଗତି, ରାଜନୈତିକ ପୃଷ୍ଠପୋଷକତା, ନୂତନ ଯୋଜନାରମ୍ଭ ॥

**କୁମ୍ଭ**
ଦୈହିକ ଦୁର୍ବଳତା, ଆତ୍ମୀୟଙ୍କ ସାହାଯ୍ୟ, ଅହେତୁକ ଚିନ୍ତା, ମନ ଆନ୍ଦୋଳିତ ରହିବ, ବନ୍ଧୁ ଭୁଲ୍ ବୁଝିବେ, କାମଟି ପୂର୍ଣ୍ଣାଙ୍ଗ ହେବ, ବ୍ୟୟ ବୃଦ୍ଧିରୁ ଦୁଶ୍ଚିନ୍ତା, ସହକର୍ମୀଙ୍କ ଓଲଟା କଥା, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, ଶିଳ୍ପବାଣିଜ୍ୟରେ ଉନ୍ନତି, ପ୍ରଶାସନିକ ତତ୍ପରତା ॥

**ମୀନ**
ମାନସିକ ଶାନ୍ତି ବ୍ୟାହତ, ସମ୍ପର୍କୀୟଙ୍କ ଉପରୁ ଆସ୍ଥାହାନୀ, ସତ୍ୟଭାଷଣରୁ ବିବାଦ, ଠକାମିରେ ପଡିପାରନ୍ତି, ଅଭିଯୋଗ ଆସିପାରେ, ପାରିବାରିକ ମତାନ୍ତର, ଦୂରଯାତ୍ରାର ମସୁଧା, ସାହିତ୍ୟାନୁରାଗ, ବନ୍ଧୁମିଳନରୁ ଆନନ୍ଦ, ବିଦେଶଯାତ୍ରାର ନିମନ୍ତ୍ରଣ, ବସ୍ତ୍ରଭୂଷଣପ୍ରାପ୍ତି ॥

## ଲୁଣ : କିଛି କଥା

ଲୁଣକୁ କେବଳ ଖାଦ୍ୟରେ ବ୍ୟବହାର କରାଯାଏ ତାହା ନୁହେଁ, ସୁଖ-ସମୃଦ୍ଧି ବୃଦ୍ଧି ହେଉ ଅବା ଶରୀରର ଥକାପଣକୁ ଦୂର କରିବାରେ ବି ଏହାର ଥାଏ ଅନେକ ଭୂମିକା। ଯେମିତିକି: ଲୁଣ ପାଣିରେ ଘର ପୋଛିଲେ ନକରାତ୍ମକ ଉର୍ଜ୍ଜା ନଷ୍ଟ ହୋଇ ଘରେ ସୁଖଶାନ୍ତି ବୃଦ୍ଧି ପାଇଥାଏ ବୋଲି ବିଶ୍ୱାସ ରହିଛି। ସେହିପରି କାହାକୁ ଖରାପ ନଜର ଲାଗିଥିଲେ, କିଛି ଲୁଣକୁ ନେଇ ତାଙ୍କ ଚାରିପଟେ ତିନିଥର ବୁଲାଇ ତାହାକୁ ବାହାରେ ଫୋପାଡିଦେଲେ ଏହି ସମସ୍ୟାରୁ ମୁକ୍ତି ମିଳିଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ଅଛି। ରାତିରେ ଶୋଇବା ପୂର୍ବରୁ ପାଣିରେ କିଛି ଲୁଣ ମିଶାଇ ହାତପାଦ ଧୋଇଦେଲେ ଥକାପଣ ଦୂର ହେବା ସହ ନିଦ ଭଲ ହୋଇଥାଏ ବୋଲି ମାନ୍ୟତା ରହିଛି। ସେହିପରି ଘରେ କୌଣସି ବ୍ୟକ୍ତି ବହୁତ ଦିନ ଧରି ରୋଗରେ ପଡିଥିଲେ, କାଚ ବୋତଲରେ ଲୁଣ ଭର୍ତ୍ତି କରି ତାଙ୍କ ଶେଯ ପାଖରେ ରଖି ସପ୍ତାହକୁ ସପ୍ତାହ ତାହାକୁ ବଦଳାଉଥିଲେ ଧୀରେ ଧୀରେ ରୋଗରୁ ଉପଶମ ମିଳିଥାଏ ବୋଲି ବାସ୍ତୁଶାସ୍ତ୍ରରେ କୁହାଯାଇଛି। ଅନେକ ସମୟରେ ଦେଖାଯାଏ, କିଛି ବାସ୍ତୁଦୋଷ ଥିଲେ ଘରେ ସର୍ବଦା କଳହ ଲାଗିବା ସହ ଅଭାବ ଦେଖା ଦେଇଥାଏ। ଏପରି ସ୍ଥଳେ କାଚ ଗିନାରେ କିଛି ଲୁଣ ନେଇ ଗାଧୁଆ ଘରେ ରଖିଦେଲେ କ୍ରମେ ବାସ୍ତୁଦୋଷ ଆପେ ଆପେ ସମାଧାନ ହୋଇଯାଏ ବୋଲି ବିଶ୍ୱାସ ରହିଛି। ଅନ୍ୟପକ୍ଷେ କୁହାଯାଏ, ପଡୋଶୀରେ କାହାକୁ ଲୁଣ ଧାରରେ ଦେବା କଥା ନୁହେଁ କି ଆଣିବା କଥା ବି ନୁହେଁ। ଏହାଦ୍ୱାରା ସମ୍ପର୍କରେ କ୍ରମେ ତିକ୍ତତା ଆସିଥାଏ।



## ପାଠକୀୟ

✻ ନିଜର ଆଶା, ଆକାଂକ୍ଷା ଓ ସ୍ୱପ୍ନକୁ ଭୁଲି ଯିଏ ପିଲାଙ୍କ ସ୍ୱପ୍ନ ପୂରଣ ପାଇଁ ଦିନରାତି ଏକ୍ କରିଦିଅନ୍ତି, ସେ ହେଲେ ବାପା। ହେଲେ ଏମିତି ବି କେତେଜଣ ସନ୍ତାନ ଅଛନ୍ତି, ଯିଏ କି ନିଜ ବାପାଙ୍କ ଇଚ୍ଛା ଓ ସ୍ୱପ୍ନ ପୂରଣ କରିବାକୁ ଜୀବନର ବ୍ରତ କରି ନେଇଛନ୍ତି। ତେଣୁ ଏଭଳି ଏକ ମନଛୁଆଁ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ବାପାଙ୍କ ପାଇଁ' ଆଲେଖ୍ୟଟି ବେଶ୍ ହୃଦୟସ୍ପର୍ଶୀ ଥିଲା। 'ଘର ପାଇଁ ବାସ୍ତୁ ଉପଚାର', 'ଆଲୋଭେରା ଗଛ ଲଗାଉଥିଲେ' ଆଦି ପାଠରୁ ବହୁ ଉପାଦେୟ କଥା ଜାଣିହେଲା।
***- ସୁଶ୍ରୀ ସଙ୍ଗୀତା ମହାନ୍ତି, ପୋଖରୀପୁଟ, ଭୁବନେଶ୍ୱର***

✻ ଛୁଟିଦିନର ଏଥରର ପ୍ରଚ୍ଛଦ ପ୍ରସଙ୍ଗରେ ସ୍ଥାନ ପାଇଥିବା 'ବାପାଙ୍କ ପାଇଁ' ଶୀର୍ଷକ ଆଲେଖ୍ୟଟି ବେଶ୍ ପ୍ରେରଣାଦାୟୀ ଓ ଶିକ୍ଷଣୀୟ ଥିଲା। 'ସାହସର ଅନ୍ୟ ନାଁ ବାପା' ଶୀର୍ଷକ ଲେଖାଟି ବି ଟିକେ ଭିନ୍ନ ଧରଣର ହୋଇଥିଲେ ବି ମନଛୁଆଁ ହୋଇଥିଲା। ମଞ୍ଜୁଲତା ମହାରଣାଙ୍କ ସେବାର କଥାକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା ଆଲେଖ୍ୟଟି ବି ନିଆରା ଥିଲା ପଢ଼ିବାକୁ। ***-ପ୍ରଫୁଲ୍ଲ ପ୍ରଧାନ, ପିପିଲି, ପୁରୀ***

✻ ସୃଜନ ପୃଷ୍ଠାରେ ସ୍ଥାନିତ 'ବାପା' ଶୀର୍ଷକ ଗପଟି ହୃଦୟଛୁଆଁ ଥିଲା। ସେହିପରି ସିନେମା ପୃଷ୍ଠାଟି ବି ଆକର୍ଷଣୀୟ ଲାଗୁଥିଲା। ଖାସ୍‌କରି ଏଥିରେ ସ୍ଥାନିତ 'ଭୁଲିନାହାନ୍ତି 'ଐଶ୍ୱର୍ଯ୍ୟା', 'ବୋହୂ ଆମର ମେଟ୍ରିକ୍ ଫେଲ୍', 'ତ୍ରିପ୍ତିଙ୍କ ଡ୍ରିମ୍ ହୋମ୍' ଆଦି ପାଠଗୁଡ଼ିକ ତଥ୍ୟପୂର୍ଣ୍ଣ ହେବା ସହ ମଜାଦାର ଥିଲା।
***-ରାକେଶ ବଳବନ୍ତରାୟ, ସୁନ୍ଦରଗଡ଼***

✻ ସାହିତ୍ୟିକା ତଥା ଶିକ୍ଷୟିତ୍ରୀ ଡ. ସୁଚିତ୍ରା ରଥଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବେଶ୍ ମନଛୁଆଁ ହୋଇଥିଲା। ସାଥୀର ଉତ୍ତର ରୋମାଣ୍ଟିକ୍‌ଭରା ଲାଗୁଥିଲା। 'ତମ୍ବାନାଗ ତିଆରି ଗାଁ' ଓ 'ନାଟକ ଦେଇଛି ପରିଚୟ' ଶୀର୍ଷକ ଲେଖାଟିରୁ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ମଡେଲ୍ ମିରର୍‌ରେ ବର୍ଷା ବେଶ୍ ସୁନ୍ଦରୀ ଲାଗୁଥିଲେ। ***- ପୂଜାଶ୍ରୀ ମହାନ୍ତି, ବ୍ରହ୍ମପୁର***

✻ ପର୍ଯ୍ୟଟନର ସହର 'ଆଗ୍ରା' ସମ୍ପର୍କରେ ସହରଠୁ ଦୂର ପୃଷ୍ଠାରୁ ବହୁ ଅଜଣା କଥା ଜାଣିହେଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ହାତରେ ଖାଇଲେ ସ୍ୱାଦ ବଢ଼େ କାହିଁକି', 'ମଣିଷ ନା ଭୂତ' ଆଦି ପାଠଗୁଡ଼ିକ ଖୁବ୍ ଆଶ୍ଚର୍ଯ୍ୟକର ଥିଲା। ବ୍ୟଙ୍ଗ ପୃଷ୍ଠାରୁ 'କାମୁଡ଼ା ଘୋଡ଼ା ମୁଖେ ଦେଲି' ଶୀର୍ଷକ ଆଲେଖ୍ୟଟି ପଢ଼ି ବହୁତ ଖୁସି ଲାଗିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ '୧୦୦୦ରୁ ଊର୍ଦ୍ଧ୍ୱ ସନ୍ତାନର ବାପା', 'ମଇଁଷି ଉପରେ ପାଟ୍ରୋଲିଂ', 'ଇସ୍ କି ଡିଜାଇନ୍!' ଆଦି ପାଠଗୁଡ଼ିକ ବି ଆଶ୍ଚର୍ଯ୍ୟଜନକ ଥିଲା। ***- ସୁକାନ୍ତ ମାଝି, କୋରାପୁଟ***




### ବିଶେଷ ଚିଠି

ବାପାଙ୍କ ପାଇଁ ଶୀର୍ଷକକୁ ନେଇ
ଥିଲା ଏଥର ପ୍ରଚ୍ଛଦ ପ୍ରସଙ୍ଗ,
ସୁନ୍ଦର ଆଲେଖ୍ୟ ହୋଇଥିବାରୁ
ମନେ ଭରିଦେଲା ଅପୂର୍ବ ଆନନ୍ଦ।
ତା'ସାଙ୍ଗକୁ ପୁଣି ନିଆରା ଲାଗିଲା
ତୁମ ସାଥୀର ଉତ୍ତର,
ମନ କିଣି ନେଉଥିଲା ପୁଣି
ତୁମ ବ୍ୟଙ୍ଗର ଉପଚାର।
ହେ ପ୍ରିୟ ଛୁଟିଦିନ,
ତୁମକୁ କରେ ଏତିକି ନିବେଦନ
ସପ୍ତାହକୁ ଥରେ ନ ଆସି
ଆସନ୍ତ କି ତୁମେ ପ୍ରତିଦିନ।
***-ଭବାନୀ ସାହୁ, ଜଗତ୍‌ସିଂହପୁର***

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ରକ୍ତଦାତା





ଜୀବନ ପାଇଁ ରକ୍ତର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କୌଣସି ଦୁର୍ଘଟଣାରେ ଆହତ ବ୍ୟକ୍ତି କିମ୍ବା ଅସହାୟ ରୋଗୀଙ୍କ ଲାଗି ଯଦି ରକ୍ତର ଆବଶ୍ୟକତା ପଡ଼େ, ସେଥିପାଇଁ ରକ୍ତଦାତାଙ୍କୁ ଖୋଜାପଡ଼ିଥାଏ। ମାତ୍ର ଯେଉଁମାନେ ରକ୍ତଦାନ କରି ଅନ୍ୟର ଜୀବନ ବଞ୍ଚାନ୍ତି, ସେମାନେ ମହାନତାର ପରିଚୟ ଦେଇଥାନ୍ତି। ଏମିତି ଥରେ କି ଦୁଇ ଥର ନୁହେଁ ଶତାଧିକ ଥର ରକ୍ତଦାନ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ରକ୍ତଦାତାଙ୍କ ସମ୍ପର୍କରେ...

**ଈଶ୍ୱରଙ୍କ ଆଶୀର୍ବାଦ ମିଳିଥାଏ ବୋଲି ବିଶ୍ୱାସ:** **ଗୋପୀମୋହନ ପଟ୍ଟନାୟକ,** ବୟସ ୬୭ବର୍ଷ। ଘର ପାରଳାଖେମୁଣ୍ଡିରେ, ବର୍ତ୍ତମାନ ରହୁଛନ୍ତି ଭୁବନେଶ୍ୱରରେ। ଏକାଧାରରେ ଜଣେ ଶାରୀରିକ ଶିକ୍ଷା ଅଧିକାରୀ, ସାମାଜିକ କର୍ମୀ, ହକି ଓ ବ୍ୟାଡମିଣ୍ଟନ ଖେଳାଳି। ଓଡ଼ିଶା କୃଷିବୈଷୟିକ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଅଧିକାରୀ। ସେ ଭାରତୀୟ ରେଡକ୍ରସ ସୋସାଇଟି ଖୋର୍ଦ୍ଧା ଜିଲା ଶାଖା, ଭୁବନେଶ୍ୱରର ଆଜୀବନ ସଦସ୍ୟ ହେବାସହ କ୍ୟାପିଟାଲ ହସ୍ପିଟାଲ ୱେଲଫେୟାର କମିଟି ସଦସ୍ୟ ଓ ବ୍ଲଡବ୍ୟାଙ୍କର ସଦସ୍ୟ। ସେ କୁହନ୍ତି, '୧୯୭୬ ମସିହାର କଥା । ଭୁବନେଶ୍ୱରରେ ଥିବା ଗଭର୍ନର ହାଉସ ନିକଟ ଭେନସ୍ ହୋଟେଲ ସମ୍ମୁଖ ରାସ୍ତା। ସମୟ ପ୍ରାୟ ଦିନ ୨ଟା ହେବ। ଏହି ସମୟରେ ଦ୍ରୁତଗତିରେ ଏକ ମାଟାଡୋର ମାଡ଼ିଆସୁଥିବା ବେଳେ ବିପରୀତ ଦିଗରୁ ଏକ ମିନିବସ୍ ଆସିବାରୁ ହଠାତ୍ ଦୁଇଟି ଯାନ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ପ୍ରାୟ୧୫ଜଣ ବ୍ୟକ୍ତି ଆହତ ହୋଇ ଯନ୍ତ୍ରଣାରେ ବିକଳ ଚିତ୍କାର କରୁଥିଲେ। ଏମିତି ଦୁର୍ଘଟଣା ଦେଖି ମୁଁ କ'ଣ କରିବି କିଛି ଭାବି ପାରୁ ନ ଥାଏ। ମାତ୍ର ସେମାନଙ୍କୁ ତୁରନ୍ତ କିପରି ଚିକିତ୍ସା କେନ୍ଦ୍ରକୁ ନେବି ଚିନ୍ତିତ ହୋଇପଡ଼ିଥିଲି। ନିକଟରେ ଥିବା ଏକ କାଠଗୋଲାଠାରେ ଏକ ଟ୍ରଲି ରିକ୍ସାକୁ ଟାଣିଟାଣି ଘଟଣା ସ୍ଥଳକୁ ଆଣିଥିଲି। ଏହାପରେ ଆହତ ୨ଜଣଙ୍କୁ ଉଦ୍ଧାରକରି କ୍ୟାପିଟାଲ ହସ୍ପିଟାଲକୁ ନେଇଯାଇଥିଲି। ହସ୍ପିଟାଲରେ ଆହତଙ୍କୁ ଡାକ୍ତର ଦେଖି କହିଲେ, ରକ୍ତ ନ ଦେଲେ ତାଙ୍କର ଜୀବନ ଚାଲିଯିବାର ଆଶଙ୍କା ରହିଛି। ସେତେବେଳେ ଅନେକ ଲୋକ ରୁଣ୍ଡ ହୋଇ ସବୁ ଦେଖୁଥିଲେ ମଧ୍ୟ କେହି ରକ୍ତ ଦେବାକୁ ମନବଳାଉ ନ ଥିଲେ। ମୁଁ ଆହତମାନେ କିପରି ବଞ୍ଚିବେ ସେଥିପାଇଁ ଭଗବାନ୍‌ଙ୍କୁ ପ୍ରାର୍ଥନାକରି ସେମାନଙ୍କ ଲାଗି ରକ୍ତ ଦେଇଥିଲି। ଏହାପରେ ପେଟେ ପାଣି ପିଇଦେଇଥିଲି। କିଛିକ୍ଷଣ ପରେ ଖୁବ୍ ଆରାମ ଲାଗିବାରୁ ଘରକୁ ଫେରିଥିଲି। ତା'ପର ଦିନ ହସ୍ପିଟାଲକୁ ଯାଇ ସେହି ଲୋକଟିକୁ ଦେଖିଲି ସେ ବହୁତ ଖୁସି ଥିଲେ। ମୋ ମନ ଭାରି ଖୁସି ହେଇଗଲା। ମନରେ ଥିବା ଆଶଙ୍କା ଦୂର ହୋଇଗଲା। ଆଉ ଥରେ ରାସ୍ତା କଡ଼ରେ ଜଣେ ବୟସ୍କ ଲୋକ ଅଚେତ ହୋଇ ପଡ଼ିଥିଲେ । ସେଠାରେ ତାଙ୍କୁ ଚେତା କରାଇ ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲି। ଏହା ଥିଲା ୨୦୦୪ ମସିହାର କଥା। ସେତେବେଳେ ମେଡିକାଲରେ ମୋର ନଜରପଡ଼ିଲା ଛୋଟ ଝିଅଟିଏ ରକ୍ତ ପାଇଁ ତା' ମା'କୁ କହୁଛି ମା' କାଲି ଯଦି ରକ୍ତ ନ ମିଳିବ ତେବେ ମୁଁ ମରିଯିବି! ଏହି କଥାଟି ଶୁଣି ତା' ମା' ଆଖି ଲୁହରେ ଛଳଛଳ ହୋଇଯାଉଥାଏ। ତାଙ୍କର ବିକଳ ସହି ନ ପାରି ତାଙ୍କୁ ରକ୍ତ ଦେବା ପାଇଁ କହିଲି। ହେଲେ ସେ ପିଲାଟି ଥାଲାସେମିଆ ରୋଗରେ ଆକ୍ରାନ୍ତ ଥିଲା। ପ୍ରତିମାସରେ ତା'ପାଇଁ ଗୋଟେ ରକ୍ତ ଦରକାର ପଡ଼େ। ତା' ପାଇଁ କେଉଁଠୁ ରକ୍ତଆସିବ ସେ ଚିନ୍ତା ମୋତେ ଘାରିଥାଏ। ସେଥିପାଇଁ ମୋ ସାଥିରେ ଖେଳୁଥିବା କେତେଜଣ ସାଙ୍ଗଙ୍କୁ ଏ ବିଷୟରେ ଜଣେଇଲି। ଅନ୍ୟମାନଙ୍କ ସହିତ ଓୟୁଏଟି ଛାତ୍ରଙ୍କ ସହଯୋଗ ମିଳିଥିଲା। ଆଉ ସେବେଠାରୁ ସେଇ ଥାଲାସେମିଆ ଶିଶୁଙ୍କ ଜୀବନ ରକ୍ଷା ପାଇଁ ପ୍ରୟାସ ଜାରି ରଖିଥିଲି। ମୋ ପରିବାର ଜରିଆରେ ପ୍ରତିମାସରେ ଜଣେ ରକ୍ତଦାନ କରିଆସୁଛନ୍ତି। ପ୍ରାୟ ୫ଜଣ ଥାଲାସେମିଆ ପିଲାଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରି ସେମାନଙ୍କ ପାଇଁ ରକ୍ତଦାନର ବ୍ୟବସ୍ଥା କଲି। ଦିନଥିଲା ସାଇକେଲରେ ବୁଲି ବୁଲି ରକ୍ତଦାନ ସମ୍ପର୍କରେ ଜନସଚେତନତା କରୁଥିଲି। ଏବେ ପ୍ରାୟ ସମସ୍ତେ ସଚେତନ ହେଲେଣି। ମୁଁ ସ୍ୱେଚ୍ଛାକୃତ ଭାବେ ପ୍ରାୟ୧୭୧ଥର ରକ୍ତଦାନ କରିସାରିଲିଣି। ୧୯ଥର ପ୍ଲେଟଲେଟ ରକ୍ତ ଦାନକରିଛି। ମୋ ମତରେ ବିପଦରେ ପଡ଼ିଥିବା ବ୍ୟକ୍ତିଙ୍କୁ ନିଃସ୍ୱାର୍ଥପର ଭାବେ ରକ୍ତଦାନ କଲେ ଆତ୍ମସନ୍ତୋଷ ମିଳେ। ଆମେ ଅନ୍ୟଜଣଙ୍କୁ ରକ୍ତ ଦେଇ ଜୀବନ ବଞ୍ଚାଇପାରିଲେ ଈଶ୍ୱରଙ୍କ ଆଶୀର୍ବାଦ ମିଳିଥାଏ।

**ରକ୍ତଦେଇ ସୁସ୍ଥ ଅଛି :** ସେ ଜଣେ ଶିକ୍ଷାବିତ୍, ଜିଲା ଯୁବ ରେଡକ୍ରସ୍‌ର ପରାମର୍ଶଦାତା ଓ ସାମାଜିକ କର୍ମୀ । ସେ ହେଲେ ଅଧ୍ୟାପକ **ପ୍ରବୀର କୁମାର ଦାସ,** ବୟସ ୫୪ବର୍ଷ। ଘର ବୌଦ୍ଧସହର ଖଲିଆବଗିଚାରେ। ସେ କହନ୍ତି, ୧୯୯୨ ମସିହାର ଘଟଣା। ସେତେବେଳେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ମୁଁ ଉଦ୍ଭିଦ ବିଜ୍ଞାନରେ ସ୍ନାତକୋତ୍ତର କରୁଥାଏ। ସେହି ସମୟରେ ମୋର ଜଣେ ସାଙ୍ଗର ମା'ଙ୍କର ଅପରେଶନ ପାଇଁ ରକ୍ତର ଆବଶ୍ୟକତା ପଡ଼ିଲା। ରକ୍ତ ଦେବା ପାଇଁ ସେ ମୋତେ ଅନୁରୋଧ କରିଥିଲେ। ସେଦିନ ମୋତେ ବହୁତ ଖୁସି ଲାଗିଥିଲା ଯେ ମୋର ବନ୍ଧୁଙ୍କର କାମରେ ଆସିଲି । ସେଦିନ ମୁଁ ଜାଣିଲି ଯେ, ପ୍ରତି ତିନି ମାସରେ ଥରେ ଜଣେ ରକ୍ତଦାନ କରିପାରିବେ । କିନ୍ତୁ ଏହି ଘଟଣାର ଠିକ୍ ଚାରି ମାସ ପରେ ଆଉ ଜଣେ ଲୋକ ଆସି ଆମ ହଷ୍ଟେଲରେ କିଏ ରକ୍ତ ଦେଇପାରିବେ ଖୋଜି ମୋ ପାଖରେ ପହଁଚିଲେ । ରକ୍ତଦାନ କରିବା ପାଇଁ ବହୁତ ନେହୁରା ହେଲେ। ସେଦିନ ମୁଁ କ୍ଲାସ ବନ୍ଦ କରି ସେହି ଅଜଣା ବ୍ୟକ୍ତିଙ୍କ ବାପାଙ୍କୁ ରକ୍ତଦାନ କରିଥିଲି। ତା'ପରଠୁ ରକ୍ତଦାନ କରିବା ମୋର ଏକ ନିୟମିତ ଅଭ୍ୟାସ ହୋଇଗଲା। ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ ଅଧ୍ୟାପକ ଭାବରେ ଥିବା ବେଳେ ରକ୍ତଦାନ କରିଥିଲି । ତା'ପରେ ମୁଁ ମହାବିଦ୍ୟାଳୟରେ ଏନ୍ଏସ୍ଏସ୍‌ରେ ପ୍ରୋଗ୍ରାମ ଅଫିସର କାର୍ଯ୍ୟ କରିଥିଲି। ସେହି ସମୟରେ ରକ୍ତଦାନ ସମ୍ବନ୍ଧରେ ଭୁବନେଶ୍ୱରରେ ତାଲିମ ପାଇଲି । ରକ୍ତଦାନ ଶିବିର କରି ରକ୍ତ ସଂଗ୍ରହ କରିଥିଲୁ। ଯେଉଁମାନେ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରନ୍ତି ସେମାନଙ୍କୁ ଉତ୍ସାହିତ କରିଥାଏ। ଜିଲାପାଳଙ୍କୁ ଭେଟି ବୌଦ୍ଧ ରକ୍ତଭଣ୍ଡାରରେ ରକ୍ତ ଗଚ୍ଛିତ ରଖିବା ପାଇଁ ଅନୁରୋଧ କରିଥିଲୁ। ତା'ପରେ ବୌଦ୍ଧରେ ଆରମ୍ଭକଲୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର । ତାଲିମନେଲା ବେଳେ ଦେଖାହୁଏ ଓଡ଼ିଶାର ପ୍ରମୁଖ ରକ୍ତଦାତା ତଥା ମୋର ଗୁରୁ ଅନୁଗୋଳର ପ୍ରଦୀପ୍ତ ତ୍ରିପାଠୀଙ୍କ ସହିତ । ସେ ମୋତେ ଏଭଳି କାର୍ଯ୍ୟ ପାଇଁ ସର୍ବଭାରତୀୟ ସ୍ତରରେ କର୍ମଶାଳାକୁ ନେଇ ଗଲେ। ୨୦୦୪ରେ ରକ୍ତ ପରିଚାଳନା ନିୟମ ପାଇଁ ସର୍ବ ଭାରତୀୟ ସ୍ତରରେ ମୁମ୍ବାଇଠାରେ କର୍ମଶାଳା ହୋଇଥିଲା। ସେଠାକୁ ଓଡ଼ିଶା ଦଳରେ ମୁଁ ଜଣେ ସଦସ୍ୟ ଭାବରେ ଅଂଶଗ୍ରହଣ କରିଥିଲି। ବୌଦ୍ଧ ଜିଲାରେ ଗୋଟିଏ ସଂଘ ମଧ୍ୟ ଗଠନ କରାଗଲା । ଜିଲା ରକ୍ତଦାତା ଓ ପ୍ରବର୍ତ୍ତକ ସଂଘର ପ୍ରଥମ ସଭାପତି ଭାବରେ ଦାୟିତ୍ୱ ଗ୍ରହଣ କଲି ଏବଂ ଅଦ୍ୟାବଧି ତାହା ତୁଲାଇ ଆସିଛି । ମହାବିଦ୍ୟାଳୟରେ ଅଧ୍ୟାପନା କରୁଛି ଏବଂ ଯୁବ ରେଡ୍‌କ୍ରସର ପରାମର୍ଶଦାତା ଭାବରେ ରକ୍ତଦାନ ଶିବିରର ଆୟୋଜନ କରୁଛି। ଆଜି ପର୍ଯ୍ୟନ୍ତ ଈଶ୍ୱରଙ୍କ କୃପାରୁ ୧୦୮ ଥର ସ୍ୱେଚ୍ଛାକୃତ ରକ୍ତଦାନ କରିପାରିଛି। ବ୍ୟକ୍ତିଗତ ପ୍ରଚେଷ୍ଟାରେ ୧୦୦ରୁ ଊର୍ଦ୍ଧ୍ୱ ରକ୍ତଦାନ ଶିବିର ଆୟୋଜନ କରିପାରିଛି ।



→

ମୋତେ ଆଜି ୫୪ ବର୍ଷ ବୟସ ହେଲା। ମୁଁ ବେଶ୍ ସୁସ୍ଥ ଅଛି । ରକ୍ତଦାନ ପାଇଁ ଅନେକ ସଂସ୍ଥା ମତେ ପୁରସ୍କୃତ କରିଛନ୍ତି।

**ରକ୍ତଦାନ ମହାପୁଣ୍ୟ–** ଦେବାଶିଷ ପୁରୋହିତ,ବୟସ–୫୪। ଘର ବୌଦ୍ଧ ବଗିଚାସାହିରେ। ସେ କୁହନ୍ତି, 'ଥରେ ଡାକ୍ତରଖାନା ରାସ୍ତା ଦେଇ ଯିବାବାଟରେ କେତେଜଣ ଯୁବକ ମୋତେ ଅଟକାଇଥିଲେ। ଆଉ ପଚାରିଥିଲେ ଆପଣଙ୍କ ବ୍ଲଡ ଗ୍ରୁପ୍ କ'ଣ ? ମୁଁ ଉତ୍ତର ଦେଇଥିଲି ବି'ପଜିଟିଭ। ସେମାନେ କହିଲେ ଜଣଙ୍କ ପାଇଁ ଆପଣଙ୍କ ରକ୍ତର ଆବଶ୍ୟକତା ଅଛି, ଯିଏକି ଜଣେ ଗର୍ଭବତୀ । ସେମାନେ ମୋତେ ସେହି ମହିଳାଙ୍କ ପାଖକୁ ନେଇଗଲେ। ତାଙ୍କ ସ୍ୱାମୀ ମୋର ଗୋଡ଼ହାତ ଧରି ପକେଇ କାନ୍ଦିଲେ । ଆଗରୁ ଶୁଣିଥିଲି ରକ୍ତଦାନ ମହପୁଣ୍ୟ କିନ୍ତୁ କିପରି ରକ୍ତ ଦିଆଯାଇଥାଏ ତାହା ଜାଣି ନ ଥିଲି । ସେହି ଯୁବକମାନଙ୍କୁ ପଚାରିଲି ମୋତେ କ'ଣ କରିବାକୁ ପଡ଼ିବ, ସେମାନେ ମୋତେ ବ୍ଲଡ ବ୍ୟାଙ୍କକୁ ନେଇଗଲେ । ମୋର ଓଜନ, ହିମୋଗ୍ଲୋବିନ ମାପିବା ପରେ ଡାକ୍ତର କହିଲେ ତମେ ଦେଇପାରିବ । ମୁଁ କହିଲି ଘରେ ପଚାରି ଆସୁଛି, ସେମାନେ କହିଲେ ଘରେ ପଚାରିଲେ ମନାକରିବେ । କିଛି ସମୟ ନୀରବ ରହି ଭାବିବା ପରେ ସେମାନଙ୍କୁ ସହମତି ଜଣାଇଥିଲି । ଏହାପରେ ଜଣେ ଆସି ଏକ ଗ୍ଲାସ ଗ୍ଲୁକୋଜ ପାଣି ପିଇବା ପାଇଁ ଦେଇଥିଲେ । ତା'ପରେ ଟେବୁଲ ଉପରେ ଶୋଇ ପ୍ରଥମ ଥର ରକ୍ତଦାନରେ ସାମିଲ ହୋଇଥିଲି । ରକ୍ତଦାନ ପରେ ସେମାନେ ମୋତେ ଧନ୍ୟବାଦ ଜଣାଇଥିଲେ। କିନ୍ତୁ ଘରକୁ ଯିବା ପରେ ଭୟରେ ଏକଥା କହିବା ଠିକ୍ କି ଭୁଲ୍ ଭାବି କିଛି କହି ନ ଥିଲି । ତା' ପରଦିନ ମୋର ଆଗ୍ରହ ହୋଇଥିଲା ଯାହାଙ୍କୁ ରକ୍ତ ଦେଇଥିଲି ତାଙ୍କୁ ଦେଖିବା ପାଇଁ। ଯେତେବେଳେ ସେହି ମହିଳାଙ୍କ ପାଖରେ ଜନ୍ମ ହୋଇଥିବା ଛୁଆକୁ ଦେଖିଲି ବହୁତ ଖୁସି ଲାଗିଥିଲା। ଏହି ବିଷୟରେ ସାଙ୍ଗମାନଙ୍କ ସହିତ ଆଲୋଚନା କରି ନ ଥିଲି କାଳେ କ'ଣ ହେଲେ ସେମାନେ ଘରେ କହିଦେବେ। ମୁଁ ଅନୁଭବ କଲି ରକ୍ତ ଦେବାପରେ ମତେ ଅଧିକ ସୁସ୍ଥ ଲାଗୁଥିଲା। ନିଜର ଅନୁଭୂତି ଅନ୍ୟକୁ ବାଣ୍ଟିବା ପରେ ରକ୍ତଦାତାମାନଙ୍କ ସାଙ୍ଗରେ ସାମିଲ ହେବାର ସୁଯୋଗ ମିଳିଲା । ଚାରି ପାଞ୍ଚ ଥର ରକ୍ତ ଦେବାପରେ ରେଡକ୍ରସ ଅନୁଷ୍ଠାନ ସହିତ ସାମିଲ ହେଲି । ରକ୍ତଦାନ ବିଷୟରେ ତାଲିମ ନେବାପାଇଁ ରକ୍ତଭଣ୍ଡାର ପକ୍ଷରୁ ଭୁବନେଶ୍ୱର ରେଡ୍‌କ୍ରସ ଭବନ ପରିସରକୁ ଯାଇ ତିନିଦିନିଆ ତାଲିମ ନେଲି । ପରେ ରକ୍ତଦାତା ପ୍ରବର୍ତ୍ତକ ସଂଘ ଗଠନ ପାଇଁ ଏକ ବୈଠକରେ ମୋତେ ସମ୍ପାଦକ ପଦବୀ ଦାୟିତ୍ୱ ମିଳିଥିଲା । ପରବର୍ତ୍ତୀ ସମୟରେ ବିଭିନ୍ନ ଅନୁଷ୍ଠାନ ମାଧ୍ୟମରେ ରକ୍ତଦାନ ଶିବିରକରି ରକ୍ତ ସଂଗ୍ରହରେ ଯୋଗଦେଲି। ୧୯୮୯ରୁ ରକ୍ତ ଦେବା ଆରମ୍ଭ କରିଥିଲି। ଏଯାଏ ୧୧୦ଥର ସ୍ୱେଚ୍ଛାକୃତ ରକ୍ତଦାନ କରିସାରିଲିଣି। ମୋ ଛଡ଼ା ମୋ ଝିଅ ସୌମ୍ୟା ସୁମନ ମଧ୍ୟ ରକ୍ତଦାନ କରିଥାଏ।


**ରକ୍ତଦାତାଙ୍କ ରକ୍ତର ବର୍ଗ ଓ ଠିକଣାକୁ ପୁସ୍ତକ କରିଛି –** ପ୍ରଶାନ୍ତ କୁମାର ବେହେରା,ବୟସ ୬୧ବର୍ଷ। ଘର ନଦୀଖଣ୍ଡି ସାହି, ଫୁଲବାଣୀରେ। ୧୯୮୨ ମସିହାଠାରୁ ଆରମ୍ଭ କରି ଏଯାବତ୍ ୧୬୮ଥର ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଛି । ଅନେକ ଯୁବତୀ, ଯୁବକଙ୍କୁ ରକ୍ତଦାନ ପାଇଁ ଉତ୍ସାହିତ କରିଛି। ଫୁଲବାଣୀ ରକ୍ତଦାନ ସମିତିର ସହସମ୍ପାଦକ, ରେଡକ୍ରସ୍ ରାଜ୍ୟ ଶାଖାର ଆଜୀବନ ସଦସ୍ୟ, କନ୍ଧମାଳ ରେଡ୍‌କ୍ରସର କାର୍ଯ୍ୟକାରୀ କମିଟି ସଦସ୍ୟ, ସେଣ୍ଟଜୋନ ଆମ୍ବୁଲାନ୍ସ କନ୍ଧମାଳ ଜିଲା ସମ୍ପାଦକ, ଫୁଲବାଣୀ ରକ୍ତଭଣ୍ଡାରର ପରିଚାଳନା କମିଟି ସଦସ୍ୟ ଓ ଓଡ଼ିଶା ରକ୍ତଦାତା ମହାସଂଘର ସାଙ୍ଗଠନିକ ସମ୍ପାଦକ ଅଛି। ଜୀବନର କିଶୋର ଅବସ୍ଥାରୁ ବିଶିଷ୍ଟ ରକ୍ତଦାତା ଜଟେଶ୍ୱର ଦାସଙ୍କ ପ୍ରେରଣାରେ ବିଭିନ୍ନ ସାମାଜିକ କାର୍ଯ୍ୟ କରିବା ସହ ଫୁଲବାଣୀ ଡାକ୍ତରଖାନାରେ ଥିବା ଅସହାୟ ରୋଗୀମାନଙ୍କର ସେବା ୧୯୮୪ମସିହାରୁ କରିଆସିଛି । ୧୯୮୭ରୁ ନିୟମିତ ରକ୍ତଦାନ କରୁଛି। ୨୦୦୪ ମସିହାରେ ସୁନାବେଡା ଏଚ ଏଲ ରେ ଚାକିରି କରୁଥିବା ହଳଧର ଶତପଥୀ ନାମକ ଜଣେ ବ୍ୟକ୍ତିଙ୍କର ବାଇପାସ ହାର୍ଟ ସର୍ଜରୀ ପାଇଁ ଓ ନେଗେଟିଭି ଗ୍ରୁପର ରକ୍ତ ଆବଶ୍ୟକ ପଡ଼ିଥିଲା। ତାଙ୍କର ସହକର୍ମୀ ଓ ବନ୍ଧୁମାନେ ସବୁ ଜିଲ୍ଲାରେ ରକ୍ତ ଖୋଜି ନିରାଶ ହେବା ପରେ ଜଣେ ବନ୍ଧୁଙ୍କ ଜରିଆରେ ମୋ ସହ ଯୋଗାଯୋଗ କରିଥିଲେ। ସେ ସମୟରେ ୬ ଜଣ ରକ୍ତଦାତାଙ୍କୁ ଏକାଠି କରି ବିଶାଖାପାଟଣା ନେଇ ସେଠାରେ ତାଙ୍କୁ ରକ୍ତ ଦେଇଥିଲୁ। ବର୍ତ୍ତମାନ ସେ ସୁସ୍ଥ ଅଛନ୍ତି। ୧୯୯୯ରେ ଫୁଲବାଣୀରେ ଫୁଲବାଣୀ ରକ୍ତଦାନ ସମିତିକୁ ସୁଦୃଢ଼ କରିଛି। ଜିଲାର ରୋଗୀମାନଙ୍କ ନିମନ୍ତେ ରକ୍ତର ଆବଶ୍ୟକତାକୁ ପୂରଣ କରିବାପାଇଁ ସମିତି ତରଫରୁ 'ବନ୍ଧନ' ନାମକ ସମିତିର ସ୍ମରଣିକା ଜରିଆରେ ଜିଲାର ସମସ୍ତ ରକ୍ତଦାତାଙ୍କର ରକ୍ତର ବର୍ଗ ଏବଂ ସେମାନଙ୍କର ମୋବାଇଲ ନମ୍ବର ମୁଦ୍ରଣ କରାଇ ରକ୍ତ ଆବଶ୍ୟକ କରୁଥିବା ରୋଗୀଙ୍କୁ ମାଗଣାରେ ବିତରଣ କରିବା ସହ ୪୦୦ରୁ ଅଧିକ ରକ୍ତଦାନ ଶିବିର ଆୟୋଜନ କରାଇଛି । ରଜ୍ୟରକ୍ତ ସଂଚାଳନ ପରିଷଦ ଭୁବନେଶ୍ୱର ଦ୍ୱାରା ବ୍ଲଡ୍ ସାଇନ୍ସ ଏବଂ ରକ୍ତଦାତା ପ୍ରୋତ୍ସାହନ ବିଷୟରେ ପ୍ରଶିକ୍ଷଣ ନେଇଛି। ରାଜ୍ୟ ରେଡ୍‌କ୍ରସ ଦ୍ୱାରା କରାଯାଇଥିବା (ଏନ୍‌ଏଫଏସ୍) ଫ୍ୟାମିଲି ନ୍ୟୁଜ ସର୍ଭିସ୍ ପ୍ରଶିକ୍ଷଣ ନେଇଛି। ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି ଭୁବନେଶ୍ୱରରେ ତିନି ଦିନିଆ ରକ୍ତଦାତା ପ୍ରୋତ୍ସାହକ ପ୍ରଶିକ୍ଷଣ ନେଇଥିଲି । ରାଜ୍ୟ ରେଡକ୍ରସ ଶାଖା ତରଫରୁ ରାଜ୍ୟ ଡିଜାଷ୍ଟର ରେସ୍‌ପନ୍ସ ଟିମ୍ କନ୍ଧମାଳ ଜିଲାର ସଦସ୍ୟ ଭାବେ ପ୍ରଶିକ୍ଷଣ ନେଇଥିଲି । ଫୁଲବାଣୀ ଏବଂ କନ୍ଧମାଳ ଜିଲାର ଅନେକ ଶିକ୍ଷାନୁଷ୍ଠାନ, ସାମାଜିକ ଅନୁଷ୍ଠାନଗୁଡିକରେ ରକ୍ତଦାନ ଶିବିର ଆୟୋଜନରେ ସାମିଲ ହେବାସହ ଯୁବପିଢ଼ିଙ୍କୁ ରକ୍ତଦାନ ପାଇଁ ପ୍ରୋତ୍ସାହିତ କରାଉଛି।



ଦେବାଶିଷ ପୁରୋହିତ




ପ୍ରବୀର କୁମାର ଦାସ



ଗୋପୀମୋହନ ପଟ୍ଟନାୟକ



ପ୍ରଦୀପ୍ତ ତ୍ରିପାଠୀ




ଜଟେଶ୍ୱର ଦାସ



ପ୍ରଶାନ୍ତ କୁମାର ବେହେରା



**ରକ୍ତଦାନ ଈଶ୍ୱରଙ୍କ କାର୍ଯ୍ୟ ବୋଲି ମନେକରେ** –ଜଟେଶ୍ୱର ଦାସ, ବୟସ ପ୍ରାୟ ୬୯। ଘର ଗଞ୍ଜାମ ଜିଲାର ଖଲିକୋଟ ବ୍ଲକ ଅନ୍ତର୍ଗତ ବି.ଏନପୁର ଶାସନରେ। ସେ ଜଣେ ପ୍ରାଣୀଚିକିତ୍ସକ। ଯେତେବେଳେ ସେ ଫୁଲବାଣୀରେ ରହୁଥିଲେ, ସେଠାରେ ଶ୍ରୀସତ୍ୟସାଇ ସେବା ଦଳ ସହିତ ଯୋଗ ଦେଇ ବିଭିନ୍ନ ସେବା କାର୍ଯ୍ୟକରୁଥିଲେ। ସେ କୁହନ୍ତି, 'ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କର ଯେତେବେଳେ ରକ୍ତ ଦରକାର ପଡୁଥିଲା ଦେଉଥିଲୁ। ଅଧିକାଂଶ ସମୟରେ ନିଜେ ଯାଇ ଡାକ୍ତରଙ୍କୁ ରକ୍ତ ଦେବାକୁ କହୁଥିଲୁ। ଯେତେବେଳେ କଟକ କି ଭୁବନେଶ୍ୱର ଆସୁଥିଲି ସେଠାରେ ବି ରକ୍ତ ଦେଉଥିଲି। ୧୯୭୬ମସିହାରେ ପ୍ରଥମେ ରକ୍ତଦାନ କରିଥିଲି। ଆଉ ସେବେଠାରୁ ଆଜିଯାଏ ପ୍ରାୟ ୨୬୯ଥର ହେବ ରକ୍ତଦାନ କରିସାରିଲିଣି। ଜଣେ ସ୍ୱେଚ୍ଛାକୃତ ରକ୍ତଦାତା ଭାବେ କିଛି କାର୍ଯ୍ୟକରିଥିବାରୁ ମନକୁ ଶାନ୍ତି ଲାଗୁଛି। ରକ୍ତଦାନକୁ ମୁଁ ଈଶ୍ୱରଙ୍କ କାର୍ଯ୍ୟବୋଲି ମନେକରିଥାଏ।




**ରକ୍ତର ବିକଳ୍ପ ନାହିଁ–** ପ୍ରଦୀପ୍ତ ତ୍ରିପାଠୀ, ବୟସ ୭୦ବର୍ଷ। ଘର ଅନୁଗୋଳ ଜିଲାର ବେଣ୍ଟପୁରରେ। ବର୍ତ୍ତମାନ ସେ ରହୁଛନ୍ତି ଭୁବନେଶ୍ୱରରେ। ସୁନ୍ଦରଗଡ଼ରେ ଥିଲାବେଳେ ସେ ଶ୍ରୀସତ୍ୟସାଇ ସେବା ସମିତିରେ ଯୋଗଦିଅନ୍ତି। ସେବେଠାରୁ ସେବାକାର୍ଯ୍ୟ ପ୍ରତି ଅଧିକ ମନ ବଳି ଥିଲା। ସେ କୁହନ୍ତି,'୧୯୭୬ମସିହାରେ ପ୍ରଥମେ ରକ୍ତଦାନ କରିଥିଲି। ଏଯାଏ ପ୍ରାୟ ୫୦୦ ରକ୍ତଦାନ ଶିବିରରେ ଯୋଗ ଦେଇସାରିଲିଣି। ୧୪୫ଥର ସ୍ୱେଚ୍ଛାକୃତ ରକ୍ତଦାନ କରିସାରିଛି। ଉପସଭାପତି ଭାବେ ଫେଡେରେଶନ ଅଫ ବ୍ଲଡଡୋନର ଅର୍ଗାନାଇଜେଶନ ଅଫ୍ ଇଣ୍ଡିଆରେ ୨୦୦୪ରୁ କାର୍ଯ୍ୟରତ। ମୁଁ ରକ୍ତଦାନ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିଥାଏ। । ଏହି ଜିଲାର ମୁଖ୍ୟ ଚିକିତ୍ସାଳୟରେ ଅଧିକାଂଶ ସମୟରେ ରୋଗୀଙ୍କ ସେବା କରିଥାଏ। ଥରେ ଜଣେ ରୋଗୀଙ୍କ ପାଇଁ ରକ୍ତ ଦରକାର ପଡ଼ିଥିଲା। ମୋତେ ଡାକ୍ତର କହିଲେ ତୁମେ ଚାହିଁଲେ ରକ୍ତ ଦେଇ ପାରିବ। ସେଦିନ ମୁଁ ରକ୍ତ ଦେଲି । ରକ୍ତ ଦେବା ନେଇ ମୋ ମନରେ ଏକ ଅଜଣା ଭୟ ଥିଲା। ରକ୍ତ ଦେଲା ପରେ ସେ ଭୟ ଆଉ ରହିଲା ନାହିଁ। ତା' ପରେ ମୁଁ ଜାଣିଲି ଜଣେ ବିନା ଖର୍ଚ୍ଚରେ ବିନା ପରିଶ୍ରମରେ କାହାରିକୁ ଯଦି ଜୀବନ ଦେଇପାରୁଛି ତେବେ ଏହାଠୁ ବଳି ଉତ୍କୃଷ୍ଟ ଜନସେବା କ'ଣ ଥାଇପାରେ। ଅନୁଗୋଳ ଜିଲାରେ ୧୯୮୦ରେ ରକ୍ତଦାତା ସଂଘ ଗଠନ କରିଥିଲୁ। ଏଥିରେ ଆମେ ୨୭ଜଣ ସଦସ୍ୟ ଥିଲୁ। ଗୋଟେ ବର୍ଷରେ ପ୍ରାୟ ୨୭୬ଜଣ ସଦସ୍ୟ ହୋଇଥିଲେ। ବିଭିନ୍ନ ସମୟରେ ବ୍ଲଡ ବ୍ୟାଙ୍କଙ୍କୁ ଗଲେ ପଚାରୁ ଆଜି କାହାର ରକ୍ତ ଦରକାର ଅଛିକି। ୨୦୦୨ମସିହାରେ ରାଜ୍ୟ ରକ୍ତଦାତା ସଂଘ ଗଠନ ହେଲା। ସେଥିରେ ସଭାପତି ଭାବେ କାର୍ଯ୍ୟ କଲି। ରାଉରକେଲାରେ ଏକ କଲେଜରେ କିଛିଦିନ ଇଂଲିଶ ଅଧ୍ୟାପକଭାବେ କାର୍ଯ୍ୟକରିଥିଲି। ପରେ ଚାକିରି ଛାଡ଼ିଦେଲି। ୨୦୦୪ ମସିହାରେ ଫେଡେରେଶନ ଅଫ୍ ବ୍ଲଡ୍ ଡୋନର ଇଣ୍ଡିଆ ଗଠନ ହେଲା। ଯାହାର ମୁଁ ଉପସଭାପତି ଅଛି। ବ୍ୟକ୍ତିଗତ ପ୍ରଚେଷ୍ଟାରେ ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ ରକ୍ତଦାନ ଶିବିର କରିସାରିଛି। ୨୦୦୭ରେ ଓଡ଼ିଶା ରାଜ୍ୟ ରକ୍ତଦାନ ପ୍ରଚାର ପାଇଁ ଦାୟିତ୍ୱ ତୁଲାଇଥିଲି। ସର୍ବଦା ମାନବ ସେବା ମାଧବ ସେବା ବୋଲି ମନେକରିଥାଏ। ବିଭିନ୍ନ ବର୍ଗର ଲୋକଙ୍କୁ ରକ୍ତଦାନ ପାଇଁ ଜନସଚେତନତା କରାଇଥାଏ। ଏବେ ଅଧିକ ବୟସ ଯୋଗୁ ବିଭିନ୍ନ ସେମିନାରକୁ ଯାଉଛି। ଏକ କଥା ସତ ଯେ ଆମେ ସମସ୍ତେ ଈଶ୍ୱରଙ୍କ ସନ୍ତାନ। ମାତ୍ର ଏହି ରକ୍ତ ମୋର ନୁହେଁ ଏହା ଈଶ୍ୱରଙ୍କ ଦାନ। ମୋ ପାଖରେ ରକ୍ତ ଥିବାରୁ ଅନ୍ୟକୁ ଦେଇ ପୁଣ୍ୟ ଅର୍ଜନ କରିପାରୁଛି। ଏଥିରେ ଶାନ୍ତି ଓ ତୃପ୍ତି ମିଳୁଛି। ରକ୍ତରେ ଅନ୍ୟଜଣଙ୍କ ଜୀବନ ବଞ୍ଚିପାରେ ତା' ଠୁ ବଳି ଭଲକଥା ଆଉ କ'ଣ ଅଛି। କୁହାଯାଏ ରକ୍ତର ବିକଳ୍ପ ନାହିଁ । ତେଣୁ ସ୍ୱାସ୍ଥ୍ୟ ପାଇଁ ରକ୍ତଦାନ ଜରୁରୀ। ଆମମାନଙ୍କ ପରି ଆହୁରି ଅନେକ ବ୍ୟକ୍ତି ସ୍ୱଇଚ୍ଛାରେ ମାଗଣାରେ ରକ୍ତଦାନ କରୁଛନ୍ତି । ଯାହା ଅନ୍ୟମାନଙ୍କ ପାଇଁ ଉଦାହରଣ।

**–ବନବିହାରୀ ବେହେରା**

# ପରଫେକ୍ଟ ସ୍କର୍ଟ ଲୁକ୍



**ସ୍କର୍ଟ ହେଉଛି ଏକ ଭର୍ସାଟାଇଲ୍ ଆଉଟ୍‌ଫିଟ୍; ଯାହାର ଅନେକ ପାର୍ଟର୍ନ ଦେଖିବାକୁ ମିଳେ। ଆଉ ଯାହାକୁ କାଜୁଆଲ୍ ଆଉଟିଂ ହେଉ କି ପାର୍ଟି ଫଙ୍କସନ୍ ଏପରିକି ଅଫିସ୍‌କୁ ବି ଆରାମରେ କ୍ୟାରି କରିହୁଏ। ତେବେ ସ୍କର୍ଟ ଯେଉଁ ପାର୍ଟର୍ନର ବି ହେଉନା କାହିଁକି ଏହାକୁ କିଭଳି ଷ୍ଟାଇଲ୍ କଲେ ପରଫେକ୍ଟ ସ୍କର୍ଟ ଲୁକ୍ ପାଇହେବ ଜାଣନ୍ତୁ ସେ ସମ୍ପର୍କରେ...**



**⁕ ଟି ଲେଙ୍ଗ୍‌ଥ ସ୍କର୍ଟ:** ଏହି ସ୍କର୍ଟ ଫୁଲ ଲେଙ୍ଗ୍‌ଥର ଆଦୌ ହୋଇ ନଥାଏ। ଏହାର ଲମ୍ବା ପ୍ରାୟତଃ ଆଣ୍ଠୁ ତଳକୁ ଆଉ ଗୋଇଠି ଉପରକୁ ରହିଥାଏ। ଏହି ସ୍କର୍ଟ ସାଙ୍ଗକୁ ସାର୍ଟ ହେଉ ଅବା ମ୍ୟାଚିଂ ଟପ୍ସ ପିନ୍ଧିଲେ ହିଁ ଲୁକ୍ ବେଶ୍ ଆକର୍ଷଣୀୟ ଲାଗିଥାଏ। ଅଫିସ୍ ପାଇଁ ଏହି ଗେଟ୍‌ଅପ୍ ପରଫେକ୍ଟ ଲୁକ୍ ଦେଇଥାଏ। ତା'ଛଡ଼ା ଏହି ଟାଇପ୍‌ର ସ୍କର୍ଟ ସାଙ୍ଗକୁ ହାଲ୍‌କା ମେକ୍‌ଅପ୍ ଏବଂ ହାଇ ହିଲ୍ ଭଲ ମାନିଥାଏ।

**⁕ ପେନ୍‌ସିଲ୍ ସ୍କର୍ଟ:** ଏହି ସ୍କର୍ଟର ଟ୍ରେଣ୍ଡ କେବେ ବି ଆଉଟ୍ ଡେଟେଡ୍ ହୁଏନି। ଆଗରୁ କେବଳ କର୍ପୋରେଟ୍ ଅଫିସ୍‌ରେ ହିଁ ଯୁବତୀମାନେ ଏହି ଟାଇପ୍‌ର ସ୍କର୍ଟ ପିନ୍ଧୁଥିଲେ। କିନ୍ତୁ ଏବେ ବିଭିନ୍ନ ଅକେଜନ୍‌ରେ ଏହି ସ୍କର୍ଟକୁ ପିନ୍ଧୁଥିବା ଦେଖିବାକୁ ମିଳୁଛି। ଏହି ଟାଇପ୍‌ର ସ୍କର୍ଟ ସାଙ୍ଗକୁ କମ୍ଫଟେବୁଲ୍ ଲୋ ହିଲ୍ସ ବହୁତ ସୁନ୍ଦର ମାନିଥାଏ। ତା'ଛଡ଼ା ମ୍ୟୁଲ୍ସ ହେଉ କି ଷ୍ଟ୍ରାଇପ୍ ହିଲ୍ସକୁ ବି ଏହି ସ୍କର୍ଟ ସାଙ୍ଗରେ ପିନ୍ଧିଲେ ଲୁକ୍ ଟିକେ ଡିଫରେଣ୍ଟ ଲାଗିଥାଏ।

**⁕ ଫ୍ଲେୟର୍ଡ ସ୍କର୍ଟ:** ଏହି ଟାଇପ୍‌ର ସ୍କର୍ଟ ସାଙ୍ଗକୁ ହାଇ ହିଲ୍ ପିନ୍ଧିଲେ ଆଉଟ୍ ଷ୍ଟାଣ୍ଡିଂ ଲୁକ୍ ମିଳେ। ତା'ଛଡ଼ା ଅକେଜନ୍‌କୁ ଦେଖି ଭିନ୍ନ ଭିନ୍ନ ଫୁଟ୍‌ୱେର୍ ସାଙ୍ଗରେ ଏହି ସ୍କର୍ଟକୁ ପେୟାର କଲେ ଡିଫରେଣ୍ଟ ଲୁକ୍ ମିଳିଥାଏ। ଯେମିତିକି ଖରାଦିନେ ଫ୍ଲେୟର୍ଡ ସ୍କର୍ଟ ସାଙ୍ଗକୁ ପ୍ଲାଟଫର୍ମ ସ୍ୟାଣ୍ଡେଲ୍, ଇଣ୍ଟରଭ୍ୟୁ ପାଇଁ ଗଲାବେଳେ ଏହି ସ୍କର୍ଟ ସାଙ୍ଗକୁ ପମ୍ପସ୍ ସୁ ଟ୍ରାଏ କଲେ ଲୁକ୍ ଟିକେ ଭିନ୍ନ ଦେଖାଯାଇଥାଏ।

**⁕ ଟ୍ୟୁଲିପ୍ ସ୍କର୍ଟ:** ଏହି ସ୍କର୍ଟର ଭିନ୍ନ ଶେପ୍ ପାଇଁ ହିଁ ଏହାର ଏପରି ନାମ ରଖାଯାଇଥିବା କୁହାଯାଏ। ଏହା ମୁଖ୍ୟତଃ ହିପ୍ସକୁ ହାଇଲାଇଟ୍ କରିଥାଏ। ଏହି ସ୍କର୍ଟ ସାଙ୍ଗକୁ ଏଭଳି ଫୁଟ୍‌ୱେର୍ ପିନ୍ଧିବା ଦରକାର, ଯାହା ଆଙ୍କେଲ୍‌କୁ କଭର୍ କରିବା ସହ ଟୋକୁ ଓପନ୍ ରଖୁଥିବ। ତା'ଛଡ଼ା ଆବଶ୍ୟକ ହେଲେ, ମ୍ୟାଚିଂ କଲର୍ ଫୁଟୱେର୍‌କୁ ବି ଏହା ସହ ଟ୍ରାଏ କରିପାରିବେ। ଷ୍ଟ୍ରାଇପ୍ ଗ୍ଲାଡିଏଟର୍ ସ୍ୟାଣ୍ଡେଲ୍ ବି ଏହି ସ୍କର୍ଟକୁ ଭଲ ମାନିଥାଏ। ତା'ଛଡ଼ା ଯଦି ଆପଣ ଟିକେ ସ୍ପୋର୍ଟି ଟଚ୍ ଚାହୁଁଥାନ୍ତି, ତା'ହେଲେ ଟ୍ୟୁଲିପ୍ ସ୍କର୍ଟ ସାଙ୍ଗକୁ ସ୍ନିକର୍ସ ବି ଟ୍ରାଏ କରିହେବ।

**⁕ ଏ ଲାଇନ୍ ସ୍କର୍ଟ:** ଏହି ଟାଇପ୍‌ର ସ୍କର୍ଟରେ ଗୋଡ଼ ଟିକେ ଛୋଟ ଦେଖାଯାଇଥାଏ କିନ୍ତୁ ହିପ୍ସ ବେଶ୍ ଆଟ୍ରାକ୍ଟିଭ୍ ଲାଗିଥାଏ। ତେଣୁ ଏହି ସ୍କର୍ଟ ସାଙ୍ଗକୁ ଫୁଟ୍‌ୱେର୍ ଚୟନ କଲାବେଳେ ଟିକେ ଦେଖିଚାହିଁ ଏମିତି ଫୁଟ୍‌ୱେର୍ ଚୟନ କରିବା ଆବଶ୍ୟକ ; ଯେଉଁଥିରେ ଗୋଡ଼ ଟିକେ ଲମ୍ବା ଦେଖାଯିବ। ଏଥିପାଇଁ ମିଡ୍ କିମ୍ବା ହାଇ ହିଲ୍ସ ପରଫେକ୍ଟ ହୋଇଥାଏ। କିନ୍ତୁ ଯେଉଁମାନେ ଟିକେ ଡିଫରେଣ୍ଟ ଲୁକ୍ ଚାହାନ୍ତି, ସେମାନେ ଏହି ସ୍କର୍ଟ ସାଙ୍ଗରେ ସ୍ନିକର୍ସ ବି ଟ୍ରାଏ କରିପାରିବେ।

**⁕ ମିନି ସ୍କର୍ଟ:** ଏହି ଟାଇପ୍‌ର ସ୍କର୍ଟ କୁଲ୍ ଲୁକ୍ ଦେଇଥାଏ। ଏହା ସାଙ୍ଗକୁ ବୁଟ୍ସ ଟ୍ରାଏ କଲେ ଷ୍ଟନିଂ ଲୁକ୍ ମିଳେ। ଖାସ୍‌କରି ହାଇ ହିଲ୍ ବୁଟ୍ସ ହେଉ କି ନି ଲେଙ୍ଗ୍‌ଥ ବୁଟ୍ସ ଏହି ସ୍କର୍ଟ ସାଙ୍ଗରେ ପିନ୍ଧିଲେ ଆଟ୍ରାକ୍ଟିଭ୍ ମଡର୍ଣ୍ଣ ଲୁକ୍ ମିଳିଥାଏ।








# ପାଠକଙ୍କ ମତାମତ ମୋ ଜୀବନର ଶ୍ରେଷ୍ଠ ପୁରସ୍କାର



**'ଅନ୍ଧବିଶ୍ୱାସରେ ଅଶୁଭ ବୋଲି ମନେ କରାଯାଉଥିବା ପକ୍ଷୀଟିକୁ ଅମର କରିବାକୁ ମୁଁ ଲେଖିଥିଲି 'ଅଶୁଭ ପୁତ୍ରର କାହାଣୀ'। ଯାହା ମୋ ସୃଷ୍ଟି ଜଗତରେ ମୋ ପାଇଁ ବହୁତ ଶୁଭ ହୋଇଛି...।'**

ଓଡ଼ିଆ ସାହିତ୍ୟ ଜଗତର ମହାନ୍ ସାରସ୍ୱତ ସାଧକ, ବିଶିଷ୍ଟ କଥାକାର, ଯାହାଙ୍କ କାହାଣୀର ଅଗଣିତ ମୁଗ୍ଧ ପାଠକ। ଜୀବନର ପ୍ରତିଟି ମୁହୂର୍ତ୍ତର ଅନୁଭୂତିରେ ସେ ସୃଷ୍ଟି କରନ୍ତି ଗଳ୍ପମାଳା। ଓଡ଼ିଆ ଭାଷା ସାହିତ୍ୟ ଜଗତର ଜଣେ ସମ୍ମାନନୀୟ ଓ ଆଦରଣୀୟ ବ୍ୟକ୍ତି, ବୟୋଜ୍ୟେଷ୍ଠ କଥାକାର **ଶ୍ରୀଯୁକ୍ତ ଅଚ୍ୟୁତା ନନ୍ଦ ପତି**। ଜନ୍ମ ୨୨-୬-୧୯୨୭ ମସିହା। ବାପା ସୋମନାଥ ପତି ଓ ବୋଉ ହାରାମଣି ଦେବୀ। ଯାଜପୁର ହାଇସ୍କୁଲରେ ମାଟ୍ରିକ, ବଲାଙ୍ଗୀର ରାଜେନ୍ଦ୍ର କଲେଜରେ ଆଇ.ଏ., ଘରୋଇ ଭାବେ ବି.ଏ. ଓ ବି.ଇଡି. ଶିକ୍ଷା ସମାପ୍ତ କରି ଶିକ୍ଷକତା ବୃତ୍ତିକୁ ଆପଣେଇଥିଲେ ଶ୍ରୀଯୁକ୍ତ ପତି। ଜୀବନ ଓ ଜଗତ ପ୍ରତି ସମ୍ବେଦନଶୀଳତା ତାଙ୍କ ସୃଜନର ମୂଳ ପୁଞ୍ଜି। ଶିକ୍ଷକତା ବୃତ୍ତିରୁ ଅବସର ଗ୍ରହଣ କରିଥିବା ଅଚ୍ୟୁତାନନ୍ଦ ପତି ନିଜ ସାହିତ୍ୟ ସର୍ଜନାର ପ୍ରାରମ୍ଭିକ ଜୀବନକୁ ମନେପକାଇ କୁହନ୍ତି, 'ପିଲାଦିନୁ ମାମୁଘରେ ରହି ପାଠ ପଢୁଥିଲି। ମୋ ଶିକ୍ଷାର ପ୍ରାଥମିକ ପର୍ଯ୍ୟାୟ ମାମୁଘରେ ହିଁ ହୋଇଥିଲା। ମାମୁ ଉପେନ୍ଦ୍ର ପଣ୍ଡା ଥିଲେ ବହୁ ପ୍ରତିଭାର ଅଧିକାରୀ। ଗୀତ ଲେଖି ଖୁବ୍ ସୁନ୍ଦର ସ୍ୱର ଦେଉଥିଲେ। ତାଙ୍କ ଦ୍ୱାରା ପ୍ରଭାବିତ ହୋଇ ମୋ କୁନି ମୁଣ୍ଡରେ କବିତା ଲେଖିବାର ନିଶା ଘାରି ବସିଲା। କିପରି କବି ହେବି। ପଦକୁ ପଦ ପକାଇ କବିତା ଲେଖିଚାଲିଲି। ପଞ୍ଚମ ଶ୍ରେଣୀରୁ କବିତା ଲେଖା ଆରମ୍ଭ କରିଥିଲି। ଯାଜପୁର ହାଇସ୍କୁଲରେ ଅଷ୍ଟମ ଶ୍ରେଣୀ ପଢ଼ିବା ବେଳେ ସ୍କୁଲ ମାଗାଜିନ 'ବିରଜା ପ୍ରଦୀପ'ରେ ଲେଖା ଦେବାକୁ ନୋଟିସ୍ ବାହାରିଲା। କବିତାଟିଏ ଲେଖିଲି। ନାମ ଥିଲା 'ଅଶ୍ରୁଧାରା', ଯାହାର ପ୍ରଥମ ପଦ ଆଜିବି ମୁଁ ଗୁଣୁଗୁଣାଉ ଥାଏ। 'ନୂଆ ସୋହାଗ ବଢ଼ାଏ ଝୁଙ୍କ, ସଭିଙ୍କୁ ଦିଏ ମୋହି, ଅଢ଼େଇ ଦିନିଆ ପୀରତି ପାଇଁ ବାଟ ଅବାଟ ନାହିଁ।' କବିତାଟି ମାଗାଜିନରେ ପ୍ରକାଶ ପାଇଲା। ସେହି ସମୟରେ ଦେବ ମହାପାତ୍ରଙ୍କ ସମ୍ପାଦନାରେ ମୁମ୍ବାଇରୁ ହାତଲେଖା ପତ୍ରିକା 'କୁଙ୍କୁମ' ପ୍ରକାଶିତ ହେଉଥିଲା। ମୋର କିଛି କବିତା ପତ୍ରିକାରେ ପ୍ରକାଶିତ ହେଲା। ଲେଖା ପ୍ରକାଶିତ ହେବା ଖୁସିରେ ମୁଁ ଅଧିକରୁ ଅଧିକ ଲେଖି ଚାଲିଲି। ଧୀରେ ଧୀରେ ସାହିତ୍ୟ ସର୍ଜନା ପ୍ରତି ଆକର୍ଷଣ ବଢ଼ିଲା। ନିଜ ଜୀବନର ଏକ ସ୍ମରଣୀୟ ମୁହୂର୍ତ୍ତ ମନେପକାନ୍ତି କବି।

ନୂଆ କରି କବିତା ଲେଖିବା ସମୟର କଥା। ମୋତେ ଜଣେ କହିଥିଲେ, ମାଆ ସରସ୍ୱତୀଙ୍କ କୃପାଦୃଷ୍ଟି ନ ହେଲେ କେହି କେବେ କବି ହୋଇପାରିବନି। ମାଆର ଆଶିଷ ପାଇବା ଆଶାରେ ଦିନେ ସ୍କୁଲ ପାଖ କୃଷ୍ଣସାଗର ପୋଖରୀ ପାଖେ ପହଞ୍ଚିଲି। ପୋଖରୀସାରା ପଦ୍ମ ଫୁଲ, ତହିଁରୁ ଗୋଟିଏ ଫୁଲ ତୋଳି ସ୍କୁଲ ପଛପଟ ଘଞ୍ଚ ଜଙ୍ଗଲ ଭିତରକୁ ଗଲି। ମନରେ ଅଗାଧ ବିଶ୍ୱାସ ମା' ମୋତେ କବିଟିଏ ହେବାର ଆଶୀର୍ବାଦ ଦେବେ। ସାଦା କାଗଜରେ ଦୁଇ ଧାଡ଼ି ମନର ଭାବନା ଉତାରି ଫୁଲ ପାଖୁଡ଼ା ବିଛେଇ ଚାଲିଆସିଲି। ମା' ଆସିଲେ କି ନାହିଁ ମୁଁ ଜାଣିନି। ମୁଁ କିନ୍ତୁ କବିତା ଲେଖି ଚାଲିଲି।'








୧୯୫୧ ମସିହାରେ ଆସିଲା ଅଚ୍ୟୁତା ନନ୍ଦଙ୍କର ପ୍ରଥମ କବିତା ସଂକଳନ। ପୁସ୍ତକଟିର ମୁଖବନ୍ଧ ଲେଖିଥିଲେ ବିଶିଷ୍ଟ କବି ଲକ୍ଷ୍ମୀକାନ୍ତ ମହାପାତ୍ର। ଏପରି କବିତାଲେଖା ଭିତରେ ଦିନେ ବନ୍ଧୁ ବିନୋଦ ଚନ୍ଦ୍ର ନାୟକ ଗପ ଲେଖିବାକୁ ପରାମର୍ଶ ଦେଲେ। ପରେ ପୂଜ୍ୟ ହରେକୃଷ୍ଣ ମହତାବ ଝଙ୍କାର ପତ୍ରିକା ପାଇଁ ଗପଟିଏ ଚାହିଁଲେ। ଗପ ଲେଖିବାର ପ୍ରେରଣା ପାଇବା ପରେ ଆସିଲା ତାଙ୍କର ପ୍ରଥମ ଗଳ୍ପ ପ୍ଲସ ମାଇନସ୍, ଯାହା 'ଆସନ୍ତାକାଲି'ରେ ପ୍ରକାଶ ପାଇଥିଲା। ଜଣେ ଗଣିତ ଶିକ୍ଷକଙ୍କ ଜୀବନୀ ଉପରେ ଆଧାରିତ ଗପଟି ମହତାବ ବାବୁଙ୍କୁ ବେଶ୍ ଆକର୍ଷିତ କରିଥିଲା। ପ୍ରଥମ ଗପଟିର ପାଠକୀୟ ସ୍ୱୀକୃତି ତାଙ୍କୁ ଅନେକ ଗଳ୍ପ ଲେଖିବାକୁ ପ୍ରେରଣା ଦେଇଥିଲା। ସେ କୁହନ୍ତି, ' ପଶୁପକ୍ଷୀ, ବୃକ୍ଷଲତାଙ୍କ ପ୍ରତି ମୋର ପ୍ରଚୁର ଭଲପାଇବା ଅଛି। କାରଣ, ସେମାନଙ୍କ ଭିତର-ବାହାର ସବୁ ସମାନ। ନିଜ ସ୍ୱାର୍ଥ ପାଇଁ କିଛି ଖରାପ କାମ କରନ୍ତି ନାହିଁ। ରାଗଥିଲେ ବାହାରକୁ ଜଣାପଡ଼ିଯାଏ। ସେହିପରି ଗଛମାନେ ଝଗଡ଼ାଝାଟି କରନ୍ତିନି। ବାହାଦୁରି ଦେଖାନ୍ତିନି। ପଶୁପକ୍ଷୀଙ୍କୁ ମୁଁ ଆଦର କରେ। ସେମାନଙ୍କ ରାମ୍ପୁଡ଼ା, କାମୁଡ଼ା ଖାଇ ବି ସମୟ ଅତିବାହିତ କରେ। ଟିକିଏ ଶ୍ରଦ୍ଧା ମିଳିଲେ ସେମାନେ ବିଶ୍ୱସ୍ତ ହୋଇ ପାରନ୍ତି। ଆମେ ମଣିଷ କିନ୍ତୁ ବିପରୀତ।' ନିଜ ବହୁଚର୍ଚ୍ଚିତ ଗପ 'ଅଶୁଭ ପୁତ୍ରର କାହାଣୀ' ପଛର କାହାଣୀ ସମ୍ବନ୍ଧରେ ଲେଖକ କୁହନ୍ତି, 'ରାଧାନାଥ ଟ୍ରେନିଂ କଲେଜରେ ପଢୁଥିବା ବେଳେ ମୁଁ ରହୁଥିବା ରୁମ୍‌କୁ ଲାଗି ଗୋଟିଏ ସ୍କାଇଲାଇଟ ଭାଙ୍ଗି ଯାଇଥିଲା। ଥରେ ପେଚାଟିଏ ଆସି ସେଠି ବସବାସ କଲା। ସ୍କାଇଲାଇଟ ପଛରେ ଥିବା ଗୋଟେ ବଡ଼ କାଞ୍ଚନ ଗଛ ତାହାକୁ ଅନ୍ଧାରୁଆ କରି ରଖୁଥିଲା। ସାଙ୍ଗମାନେ ଅଶୁଭ ଅଶୁଭ କହି ପକ୍ଷୀଟିକୁ ହୁରୁଡ଼େଇବା ଆରମ୍ଭ କଲେ। ମୁଁ ସେମାନଙ୍କୁ ବିରୋଧ କରି ତା' ସହିତ ବନ୍ଧୁତା ସ୍ଥାପନ କଲି। ସେ ପାଖକୁ ଆସେ। ମୋ ବିଛଣା ଉପରେ କିଛି ଖାଦ୍ୟ ଶସ୍ୟ ବିଛେଇ ମୁଁ ବାହାରକୁ ଚାଲିଯାଏ। ଫେରି ଦେଖେ ତ ମହାଆନନ୍ଦରେ ସେ ଚୋକି ଦେଇ ତା' ସ୍ଥାନକୁ ଫେରିଯାଉଛି। ଟ୍ରେନିଂ ସମୟରେ ଦୀର୍ଘ ଦଶମାସ ପେଚାଟି ସେଇଠି ରହିଲା। ଅନ୍ଧବିଶ୍ୱାସରେ ଅଶୁଭ ବୋଲାଉଥିବା ପକ୍ଷୀଟିକୁ ଅମର କରିବାକୁ ଏପରି ଏକ କାହାଣୀ ଲେଖିଥିଲି। ସେହି ଅଶୁଭ ପୁତ୍ରର କାହାଣୀ ମୋ ସୃଷ୍ଟି ଜଗତରେ ମୋ ପାଇଁ ବହୁତ ଶୁଭ ହୋଇଛି।' ପାଠକଙ୍କ ମତାମତ ମୋ ଜୀବନର ଶ୍ରେଷ୍ଠ ପୁରସ୍କାର ବୋଲି ସେ ମତ ରଖନ୍ତି।

**- ପ୍ରିୟମ୍ବଦା ରଥ**
*ଆରକେ ପୁରମ୍, ସେକ୍ଟର-୪, ନୂଆଦିଲ୍ଲୀ, ମୋ:୮୬୮୮୯୫୬୮୦୦*









# ଶାସ୍ତି

– ସତ୍ୟବତୀ ସ୍ୱାଇଁ

ଅକ୍ଷମଣୀୟ ଅପରାଧ କରିଛି ମୁଁ !
ସେଥିପାଇଁ ମୋତେ ଦିଆ ଯାଉଛି କଠୋର ଶାସ୍ତି !

ମୋ ଯୋଗୁ ଘରେ ମହାଭାରତ। ପରିବାର ତଥା ସାଇ ଭାଇ ଗୋଟିଏ ପଟେ ଏବଂ ମୁଁ ବିପକ୍ଷ ଦଳ ହୋଇ ଅଭିମନ୍ୟୁ ପରି ଯୁଝୁଛି ଆଉ ଗୋଟେ ପଟ ଏକାକୀ । ଏଶାସ୍ତି ପାଇବାକୁ ମୁଁ କାଳେ ଯୋଗ୍ୟ। ମୋ ପରି ପୁଅମାନେ ବାପାମାଆ ଭାଇଙ୍କର କଳଙ୍କ ! କିନ୍ତୁ କାହିଁକି ! କ'ଣ ଏମିତି ଦୋଷ କରିଦେଲି ଯେ ସଭିଙ୍କର ଆଖି ଗେହ୍ଲା ସମି ଆଜି ବଦମାସ ଓ ବଦନାମ !

ବାପା ବାଘ ଭଳି ଗର୍ଜି ଉଠି କହିଲେ, କୁଳାଙ୍ଗାର ! ତୋର ଏ ଘରେ ସ୍ଥାନ ନାହିଁ। ପୂରେଇ ଦେବିନି ମୋ ଘରେ ତୋତେ। ଅପବିତ୍ର କରିବି ନାହିଁ ଚଉଦ ପୁରୁଷ ଭିଟାମାଟିରେ ଠିଆ ବଡ଼ ଦେଉଳ ପରି ଘରକୁ ମୋର । ତୋରି ପାଇଁ ମୋ ପୂର୍ବ ପୁରୁଷ ଲଜ୍ଜିତ ହେଉଥିବେ ସେପାରିରେ । କୁଆଡେ ଆସିଛୁ ? ତୋର କ'ଣ କେହି ଏ ଘରେ ନିଜର ଅଛନ୍ତି ! ଯଦି ଥାଆନ୍ତେ ଏଡ଼ ବଡ଼ ନିଷ୍ପତ୍ତିଟି ନେବା ପୂର୍ବରୁ ଥରେ ତ ପଚାରି ପାରି ଥାଆନ୍ତୁ । ମୁଣ୍ଡ ଝାଳ ତୁଣ୍ଡରେ ମାରି, ଭୋକ ଉପାସରେ ରହି ତୋତେ ବଡ଼ ସହରରେ ରଖି ବହୁତ ପଢେଇଲି। ମୁଣ୍ଡକୁ ହାତ ପାଇଗଲା ବୋଲି ତୁ ନିଜକୁ କ'ଣ ଭାବୁଛୁ ?

ବାପା !

ମୋତେ ତୁ ବାପା ଡାକେନାରେ କୁଳାଙ୍ଗାର। ତୁ ମୋ ପୁଅ ହେବାର ସମସ୍ତ ଯୋଗ୍ୟତା ହରେଇ ସାରିଛୁ। ତୋତେ ମୁଁ ଆଜୀବନ ନିର୍ବାସନ ଦଣ୍ଡ ଦେଉଛି । ଚାଲି ଯା ମୋ ଆଖି ସାମାନାରୁ । ତୋତେ ଯେତେ ଅଧିକ ସମୟ ଦେଖିବି ସେତେ ଉତ୍କ୍ଷିପ୍ତ ହେବ ମୋର ପ୍ରାଣ। ହିତାହିତ ଜ୍ଞାନ ଭୁଲି କିଛି କରି ଦେଇ ପାରେ। ଏତେ ବଡ଼ ପୁଅକୁ ହାତ ପୁରେଇ ମାରିଲେ କଣ ଭଲ ହେବ ! ଏଣୁ ତୋତେ ହାତ ଯୋଡୁଛିରେ ସମି ତୁ ଯେତେ ଶୀଘ୍ର ଏଠୁ ଚାଲିଯା ।

ବାପା ଆଆ... ନା ମୁଁ କାହାର ବାପା ନୁହେଁ କି ମୋର ତୁ ପୁଅ ନୋହୁଁ। ଆରେ ଚାଣ୍ଡାଳ ପାଠଶାଠ ପଢି କଣ ଏଇ ବୁଦ୍ଧି ଅର୍ଜିଛୁ ?

ସିଂହ ଦରଜା ବାହାର ପଟୁ ବନ୍ଦ କରି ସଭିଏଁ ରୁଣ୍ଡ ହୋଇଛନ୍ତି ଦାଣ୍ଡରେ । ପୂରେଇ ଦେଉ ନାହାନ୍ତି ମୋତେ ଘରେ । ଯେଉଁ ପୁଅ ସମି ଦିନେ ସଭିଙ୍କ ନୟନ ତାରା ଥିଲା, ଯାହା ପାଇଁ ଗର୍ବ କରୁଥିଲେ ସଭିଏଁ। ବାପା ଛାତି ଫୁଲାଇ କହୁଥିଲେ, ପବିତା ସିନା ମାମୁଁ ଘରେ ରହି ଖରାପ ବାଟକୁ ଚାଲିଗଲା ହେଲେ ମୋ ସମି କୋଟିଏରେ ଗୋଟିଏ ହୀରା । ମୋ ସମି ହୀରା।

ସାଇଭାଇ ସଭିଏଁ ଚୁପି ଚୁପି କଥା ହେଉଛନ୍ତି ମୋ ବାବଦରେ। ଚୁପୁରୁ ଚାପୁରୁ ହେଉଛନ୍ତି ମୋତେ ଦେଖି। ସକାଳ ପହରୁ ଆସିଲେ ବି ଘରେ ପୂରେଇ ଦେଉ ନାହାନ୍ତି ମୋତେ। ଜଣେ ଗଣଧର୍ଷିତାକୁ ଭଲ ପାଇ ବିବାହ କଲି ବୋଲି ମୁଁ ଜଣେ କୁଳାଙ୍ଗାର ପୁଅ ! କିନ୍ତୁ କାହିଁକି ! ତାକୁ ଧର୍ଷିତା ଯେଉଁମାନେ କଲେ ସେମାନେ ଜଣେ ଜଣେ ପୁରୁଷ ଥିଲେ ତ !

ସେମିତି ମୁଁ ଜଣେ ପୁରୁଷ ; ଧର୍ଷିତାକୁ ବିବାହ କଲି ବୋଲି ବେଦ ଅଶୁଦ୍ଧ ! ଆମେ ପୁରୁଷ ଏଣୁ ଅନେକ ଝିଅଙ୍କ ଜୀବନ ନଷ୍ଟ କରି ପାରିବା। ସେଇ ପୁରୁଷ ଦାୟରେ ଧର୍ଷିତା କୁ ପତ୍ନୀ ସମ୍ମାନ ଦେଇ ପାରିବା ନାହିଁ କାହିଁକି ?

ସକାଳୁ ଦିନ ଦିପହର ହେଲା। ବନ୍ଦ କବାଟ ଏପାଖେ ମୁଁ ଓ ଲହରୀ । ନା ଆଉ ନୁହେଁ ଆସିଥିଲି ଆଶୀର୍ବାଦ ନେବାକୁ। ଏମାନେ ତ ଧିକ୍କାର କରି ମୁହଁ ଉପରେ କବାଟ ବନ୍ଦ କରିଦେଲେ। ଆସ ଲହରୀ ଲୋଡ଼ା ନାହିଁ ଏମାନଙ୍କର ଆଶୀର୍ବାଦ। ଆମେ ଆମ ଇଚ୍ଛା ମୁତାବକ ଏକ ପୃଥିବୀ ଗଢ଼ିବା। ଲହରୀ ହାତ ଧରି ଘରକୁ ପଛ କରି ଚାଲି ଯାଉ ଯାଉ ଶୁଭିଲା ରହ ସମି।

ମାଆ ! କେହି ତୋତେ ଗ୍ରହଣ ନ କରନ୍ତୁ ମୁଁ କରିବି। ସବୁ ପୁରୁଷ ତୁ କରିଥିବା କାର୍ଯ୍ୟ କରି ପାରିବେ ନାହିଁରେ ସମି। ଏ ସବୁ କରିବା ପାଇଁ କଲିଜା ଦରକାର।

କିନ୍ତୁ ବାପା...

କେତେ ଆଉ ଡରିବିରେ ପୁଅ ? ପତ୍ନୀଟିଏ ଥିଲି ଡରୁଥିଲି । ହେଲେ ଆଜି ମୁଁ କେବଳ ଜଣେ ମାଆ ।

ବନ୍ଦାପନା କରି ମାଆ ପାଛୋଟି ନେଉଥିଲା ଆମ ଦୁହିଁଙ୍କୁ ଘର ଭିତରକୁ।

–ବାଲିକୁଦା, ଜଗତ୍‌ସିଂହପୁର
ମୋ: ୯୯୩୮୦୭୯୦୬୪

# ଅକବିତା

–ସ୍ମୃତି ରଞ୍ଜନ ତ୍ରିପାଠୀ

ସେ ଅଗମ୍ୟ ବନାନୀର
ବହୁ ଉଚ୍ଚରେ ଶାଖା ମେଲେଇଛି
ସୁମନାସର ଡ଼ାଳଟିଏ,
ପତ୍ରର ଭ୍ରମରେ ଉଙ୍କିମାରିଛି
ନିଦେଇ ପଡ଼ିଥିବା ସବୁ ବଳ୍କଳ
ତରଳ ଅବଶୋଷର କେଇଟା ବୁନ୍ଦାରେ
ମାତାଲ ହେଲେଣି ସ୍ୱପ୍ନର ସବୁଜିମା
ପକ୍ଷୀ ଶାବକଙ୍କ ହସର ତରଙ୍ଗରେ
ସଜେଇ ହେଲାଣି ସଂକଳ୍ପ ବୀଣା
ଏବେ ସଂବାଳୁଆ ରୁ ପ୍ରଜାପତି
ହେବାର ବେଳ।

ସୁଦୂର ଅପହଞ୍ଚ ବାଲିଆ ଶେଯରେ
ତୁଳୀରେ ଅଙ୍କାହୁଏ ଅଭିମାନର ଗାର
ସେ ଜାଣେ ସହମତିରେ ସଜେଇ ହୁଏନି
ଦୁଆତରୁ ଇଡି ପଡ଼ିଥିବା ଇହ, ପରକାଳ,
କାଗଜ ମୋହରେ ଉଡାଣଖୋର ଡେଣାରେ
ଖୁନ୍ଦା ଚାଲିଥାଏ ସଂଘର୍ଷର ଆୟୁଷ
ସଂଗତି ପୀଠରେ କାଗଜଡ଼ଙ୍ଗାରେ
ସେମିତି ଭାସୁଥାଏ ସମ୍ମୋହନର
ସ୍ୱାୟୁଫୁଲ।

ଗୋଧୂଳି ସଂଜରେ, ସମୟ ସୁଅରେ
ଗଢୁଥାଏ କେହି ଫେରିବାର କଳା
ବେପଥୁ ପରାଏ କୁସୁମ କାନ୍ତିରେ
ପରଖେ ଝାଞ୍ଜିମେଳ,
ସୁଖର ଅପେକ୍ଷାତିଥିରେ ଗୁଂଥୁଥାଏ କେହି
ସମୟର ଘାସଫୁଲ।

–ଜଟଣୀ, ଖୋର୍ଦ୍ଧା
ମୋ:୯୪୩୮୩୧୫୩୮୧





# ସେହି ଦୁଇ ଘଣ୍ଟା...

ଆଲିୟା ଭଟ୍ଟ ଏବେ ସେହି ଦୁଇ ଘଣ୍ଟା ବିଷୟରେ ଭାବୁଛନ୍ତି। କଥା କ'ଣ କି ନିକଟରେ ତାଙ୍କୁ ଏକ ନୂଆ ଅଫର ମିଳିଥିଲା ପ୍ରଯୋଜକ ଯେତେବେଳେ ତାଙ୍କୁ କାହାଣୀ ଶୁଣାଇଲେ ତାହାକୁ ବେଶ୍ ଆଗ୍ରହର ସହ ଶୁଣିଥିଲେ। କିନ୍ତୁ ଏହାର କ୍ଲାଇମାକ୍ସ ବେଳେ ହଠାତ୍ ଆଲିୟାଙ୍କ ଆଖି ଛଳ ଛଳ ହୋଇଉଠିଲା। ଏହା ଦେଖି ସେଠାରେ ଉପସ୍ଥିତ ପ୍ରଯୋଜକ ଏବଂ ନିର୍ଦ୍ଦେଶକ ଟିକେ ବ୍ୟସ୍ତ ହୋଇପଡିଲେ। ତା'ପରେ ଆଲିୟା ଏଭଳି ଭାବପ୍ରବଣ ହୋଇପଡିଲେ ଯେ ତାଙ୍କୁ ନର୍ମାଲ ହେବାକୁ ପ୍ରାୟ ଦୁଇ ଘଣ୍ଟା ଲାଗିଗଲା। ଏଭଳି ଘଟଣା ସମ୍ପର୍କରେ ଆଲିୟା କହନ୍ତି, 'ଯେତେବେଳେ ମୁଁ ଏହି ନୂଆ ପ୍ରୋଜେକ୍ଟର କାହାଣୀ ଶୁଣିଲି, ତାହା ମୋତେ ବେଶ୍ ପ୍ରଭାବିତ କରିଥିଲା। କିନ୍ତୁ ଶେଷ ପର୍ଯ୍ୟାୟରେ ଏଥିରେ ଭାବପ୍ରବଣତା ଭରି ରହିଥିଲା। ସେହି ସମୟରେ ମୁଁ ଟିକେ ଇମୋଶନାଲ ହୋଇପଡିଥିଲି। ପାଖାପାଖି ଦୁଇ ଘଣ୍ଟା ପରେ ମୁଁ ସାଧାରଣ ଅବସ୍ଥାକୁ ଆସିଲି। ଜଣେ ଗାଉଁଲି ଯୁବତୀ ନିଜ ପରିବାର ଚଳାଇବାକୁ କିପରି ସଂଘର୍ଷ କରୁଛି ତାହାକୁ ନେଇ କାହାଣୀ ଗତି କରିଛି।' ୧୯୯୯ରେ ମୁକ୍ତିଲାଭ କରିଥିବା 'ସଂଘର୍ଷ' ଫିଲ୍ମରେ ପ୍ରୀତି ଜିଣ୍ଟାଙ୍କ ପିଲାଦିନ ଭୂମିକାରେ ଆଲିୟା ପ୍ରଥମେ ଅଭିନୟ କରିଥିଲେ। ଏହାର ୧୩ ବର୍ଷ ପରେ ସେ କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ ଦ ଇୟର'ରେ ନାୟିକା ଭାବରେ ଡେବ୍ୟୁ କରିଥିଲେ।



ଆଲିୟା



'ଚନ୍ଦ୍ରବଂଶୀ' ଫିଲ୍ମରେ ଆକାଶ–ପୁନମ

# ଆକାଶ ଯାହା ଭାବୁଥିଲେ...

ଆକାଶ ଦାସନାୟକ–ଏକାଧାରରେ ଜଣେ ଅଭିନେତା ଏବଂ ନେତା। କିନ୍ତୁ ଏହି ଦୁଇଟି କଥାକୁ ସେ ବେଶ୍ ସମାନ୍ତରାଳ ଭାବରେ ଆଗେଇ ନେଉଛନ୍ତି। ଏଥର ରଜରେ ତାଙ୍କ ଅଭିନୀତ ତଥା ଷ୍ଟାର୍–ଷ୍ଟଡେଡ୍ ଓଡ଼ିଆ ସିନେମା 'ଚନ୍ଦ୍ରବଂଶୀ' ରିଲିଜ ହୋଇଥିଲା। ଯୁବ ପ୍ରଯୋଜକ କୁମାର ପ୍ରୀତମ ସାହୁଙ୍କ ପ୍ରଯୋଜିତ ଏହି ଚିତ୍ରଟି ବକ୍ସ ଅଫିସରେ ଭଲ ବିଜନେସ୍ କରିବାରେ ସଫଳ ହୋଇଛି। ହେଲେ ଯେତେବେଳେ ଏହାର ପ୍ରାରମ୍ଭିକ କାମ ଚାଲିଥିଲା ସେହି ସମୟରେ ଆକାଶ ଆକଳନ କରିଥିଲେ ଯେ କାହାଣୀ ପାଇଁ ଚଳଚ୍ଚିତ୍ରଟି ନିଶ୍ଚୟ ସକ୍‌ସେସ ହେବ। ଶେଷରେ ତାହା ହିଁ ହେଲା। ଏ ନେଇ ଆକାଶ କହନ୍ତି, 'ଏହି ଫିଲ୍ମର ପ୍ରାରମ୍ଭିକ କାମ ସମୟରେ ମୁଁ ଏକଦା କହିଥିଲି, ଏଭଳି ଏକ ଭିନ୍ନ ଧରଣର କାହାଣୀକୁ ଦର୍ଶକ ନିଶ୍ଚୟ ପସନ୍ଦ କରିବେ। ଯାହାହେଉ ମୋର ଆକଳନ ସତରେ ପରିଣତ ହେଲା।' ନବାଗତ ଯୋଡି ଯଶ–ସୁନୀଲଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହି ଫିଲ୍ମରେ ଆକାଶଙ୍କ ବ୍ୟତୀତ ସିଦ୍ଧାନ୍ତ ମହାପାତ୍ର, ଶ୍ରୀତମ ଦାସ, ରାଜ ରାଜେଶ, ପୁନମ, ଜସ୍ମିନ, ଲିପ୍‌ସା, ଉଷସୀ ମିଶ୍ର, ସ୍ମିତା ମହାନ୍ତି, ଦେବୁ ବ୍ରହ୍ମା, ଦୈତାରି ପଣ୍ଡା, ପୀୟୂଷ ତ୍ରିପାଠୀ, ସମରେଶ ରାଉତରାୟ, ତାପସ ସରଘରିଆ ଓ ଅଶ୍ୱିନୀ ତ୍ରିପାଠୀ ପ୍ରମୁଖ କଳାକାର ଅଭିନୟ କରିଛନ୍ତି।

# ଏଣୁ ମାରିଲେ ଗୋ ହତ୍ୟା..

ଏଣୁ ମାରିଲେ ଗୋ ହତ୍ୟା ତେଣୁ ମାରିଲେ ବ୍ରହ୍ମ ହତ୍ୟା। ଏପରି ପରିସ୍ଥିତିକୁ ମୁକାବିଲା କରିବା ଏତେ ସହଜ କଥା ନୁହେଁ। ଆଉ ସେଥିରୁ ବା ଶ୍ରଦ୍ଧା କପୁର ବାଦ୍ ପଡନ୍ତେ କିପରି ? କଥା କ'ଣ କି ନିକଟରେ ଜଣେ ନୂଆ ପ୍ରଯୋଜକ ତାଙ୍କୁ ସାଇନ୍ କରିବାକୁ ଯାଇଥିଲେ। ଏହି ପ୍ରୋଜେକ୍ଟର କାହାଣୀ ଏବଂ ସେଥିରେ ନିଜ ଭୂମିକା ସମ୍ପର୍କରେ ବେଶ୍ ଭଲ ଭାବରେ ଅବଗତ ହୋଇଥିଲେ। ହେଲେ ଗୋଟିଏ କଥା ଲାଗି ପ୍ରୋଜେକ୍ଟଟି ଅଧାରେ ଲଟକି ରହିଛି। ଶୁଣିବାକୁ ମିଳୁଛି ଯେ ଏହି ଭୂମିକା ପାଇଁ ସେ କୁଆଡେ ଡବଲ ପାରିଶ୍ରମିକ ଡିମାଣ୍ଡ କରୁଛନ୍ତି। କାରଣ ଏଥିରେ ତାଙ୍କୁ ବେଶ୍ କେତୋଟି ଗରମା ଗରମ ଶଟ୍ ଦେବାକୁ ପଡିବ। ତେଣୁ ସେଥିପାଇଁ ସେ ପାରିଶ୍ରମିକକୁ ଏକାଥରେ ଦୁଇ ଗୁଣା କରିଦେଇଛନ୍ତି। ଯେତେବେଳେ ଏହି କଥା ଶ୍ରଦ୍ଧାଙ୍କ କାନରେ ପଡିଲା ସେ ବା କେମିତି ଚୁପ୍ ହୋଇ ବସିପାରନ୍ତେ ? ଏଭଳି ବିଷୟକୁ ନେଇ ସଫେଇ ଦେଇଛନ୍ତି। ଏ ସମ୍ପର୍କରେ ସେ କହନ୍ତି, 'ନୂଆ ସିନେମାର କାହାଣୀ ମୋ ମନକୁ ଛୁଇଁଛି। ଏଥିରେ ମୋତେ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡିବ। ସେଥପାଇଁ ମୋତେ ଅଧିକ ପାରିଶ୍ରମିକ ଦେବାକୁ ପ୍ରଯୋଜକ ନିଜ ପଟରୁ ସୂଚନା ଦେଇଛନ୍ତି। ହେଲେ ଯାହା ଆଲୋଚନା ହେଉଛି ଯେ, ଏହି ଫିଲ୍ମ ପାଇଁ ମୁଁ ମୋ ପାରିଶ୍ରମିକ ବଢ଼ାଇ ଦେଇଛି ତାହା ଆଦୌ ସତ ନୁହେଁ। କେହି ମୋତେ ବଦନାମ କରିବାକୁ ଏଭଳି ଅପପ୍ରଚାର ଚଳାଇଛି। ହେଲେ ତାହା ଆଦୌ ସତ ନୁହେଁ। ମୁଁ ଯେ ମୋର ରେମ୍ୟୁନରେଶନକୁ ଏକାଥରେ ଡବଲ କରିଦେବି–ଏକଥା କଦାପି ସମ୍ଭବ ନୁହେଁ।'



ଶ୍ରଦ୍ଧା

# ସେଇ ଗିଫ୍ଟ...

ଐତିହାସିକ ଫିଲ୍ମ 'ମହେଞ୍ଜୋଦାରୋ'ରୁ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ ପୂଜା ହେଗଡେ। ନିକଟରେ ଉକ୍ତ ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ଅଭିନୟ କରିଥିବା ହ୍ରିତିକ ରୋଶନ ତାଙ୍କୁ ଏକ ଗିଫ୍ଟ ଦେଇଛନ୍ତି। ତାହା କ'ଣ ଜାଣନ୍ତି ? ମହେଞ୍ଜୋଦାରୋର ଏକ ପ୍ରତିକୃତି। ସେହି ଗିଫ୍ଟକୁ ଯେତେବେଳେ ସେ ଖୋଲିଦେଲେ ସେତେବେଳେ ତାଙ୍କର ଖୁସିର ସୀମା ରହି ନ ଥିଲା। ଏ ବିଷୟରେ ପୂଜା କହନ୍ତି, 'ନିକଟରେ ଏକ ସାକ୍ଷାତ ଅବସରରେ ହ୍ରିତିକ ମୋତେ ଏକ ଗିଫ୍ଟ ଦେଇଥିଲେ। ଦେବା ସମୟରେ ସେ ମୋତେ କହିଥିଲେ ଯେ, 'ଏହି ଗିଫ୍ଟଟି ମୋ ପାଇଁ ସ୍ପେଶାଲ।' ଘରକୁ ଯିବା ପରେ ଯେତେବେଳେ ତାକୁ ଖୋଲି ଦେଖିଲି ମୋ ଖୁସିର ସୀମା ରହି ନ ଥିଲା। କାରଣ ତାହା ଥିଲା ମହେଞ୍ଜୋଦାରୋର ଏକ ରିପ୍ଲିକା। ଏହି ଗିଫ୍ଟଟିକୁ ମୁଁ ସାରାଜୀବନ ଭୁଲି ପାରିବି ନାହିଁ।' ୨୦୧୬ରେ ପରଦା ଉପରକୁ ଆସିଥିଲା 'ମହେଞ୍ଜୋଦାର', ଯାହାର ନିର୍ଦ୍ଦେଶନା ଦେଇଥିଲେ ଆଶୁତୋଷ ଗୋୱାରିକର।



ପୂଜା

# ଅଭିନେତା ହୋଇ ନ ଥିଲେ..

'ବାହୁବଳୀ' ଫେମ୍ ପ୍ରଭାସ ଦକ୍ଷିଣ ଭାରତୀୟ ସିନେମାରେ ଜଣେ ବେଶ୍ ପରିଚିତ ଅଭିନେତା। ହେଲେ ଆକ୍ଟିଂ ଦୁନିଆରେ ପାଦ ଦେବା ପୂର୍ବରୁ ତାଙ୍କର ଏକ ଆଶା ଥିଲା। ତାହା କ'ଣ ଜାଣନ୍ତି ? ଭବିଷ୍ୟତରେ ଜଣେ ହୋଟେଲିୟର ହେବେ। କିନ୍ତୁ ତାଙ୍କ ଭାଗ୍ୟରେ ଆଉ କିଛି ଲେଖା ଥିଲା। ଅଭିନୟକୁ ଆଦରି ନେବା ପରେ ସେ କେବଳ ନିଜ କ୍ୟାରିୟର ପ୍ରତି ସଚେତନ ରହିଲେ। ଆଉ ଏକ କଥା ମନ ପସନ୍ଦର ଖାଦ୍ୟ ଦେଖିଲେ ସେ ନ ଖାଇ ରହିପାରନ୍ତି ନାହିଁ। କାରଣ ଖାଦ୍ୟ ପ୍ରତି ତାଙ୍କର ଅନେକ ଦୁର୍ବଳତା ରହିଛି। ଆଗ ପେଟପୂଜା ତା'ପରେ ଯାହା। ପ୍ରଭାସଙ୍କର ପ୍ରକୃତ ନାମ କ'ଣ ଜାଣନ୍ତି ? ତାଙ୍କର ପ୍ରକୃତ ନାମ ହେଲା– ଉପ୍ପାଲାପତି ଭେଙ୍କଟ ସୂର୍ଯ୍ୟନାରାୟଣ ପ୍ରଭାସ ରାଜୁ। ଯେତେବେଳେ ନିର୍ଦ୍ଦେଶକ ଏସ.ଏସ. ରାଜମୌଲି 'ବାହୁବଳୀ' ଫିଲ୍ମ ବିଷୟରେ ଚିନ୍ତା କଲେ ସେତେବେଳେ ଏହାର ଟାଇଟଲ ଭୂମିକାରେ କିଏ ଅଭିନୟ କରିବ ସେ ନେଇ କିନ୍ତୁ ଏତେଟା ଚିନ୍ତାରେ ପଡି ନ ଥିଲେ। କାରଣ କାହାଣୀ ରଚନା ସମୟରେ ହିଁ ତାଙ୍କ ମନରେ ଗୋଟିଏ କଥା ବସା ବାନ୍ଧି ସାରିଥିଲା। ଏହି ରୋଲ୍ ପାଇଁ କେବଳ ପ୍ରଭାସ ହିଁ ଫିଟ୍। ବାସ୍, ତା'ପରେ ତାଙ୍କୁ ଯୋଗାଯୋଗ କରାଯାଇଥିଲା ଏବଂ ଏଥିରେ ଅଭିନୟ କରିବାକୁ ପ୍ରଭାସ ରାଜି ହୋଇଯାଇଥିଲେ।



ପ୍ରଭାସ

# ଭୁଲନ୍ତି ନାହିଁ ପରିଣିତୀ

ପରିଣିତୀ ଚୋପ୍ରା ଇତି ମଧ୍ୟରେ ଘର ସଂସାର କରିସାରିଲେଣି। କିନ୍ତୁ ପ୍ରତିଦିନ ଦୁଇଟି କଥାକୁ ସେ ଆଦୌ ଭୁଲି ନ ଥାନ୍ତି। ତାହା କ'ଣ ଜାଣନ୍ତି ? ଗୋଟିଏ ହେଲା ତାଙ୍କର ଫିଟ୍‌ନେସ୍ ଆଉ ଅନ୍ୟଟି ହେଉଛି ସଙ୍ଗୀତ ଅଭ୍ୟାସ କରିବା। ଏ ନେଇ ପରିଣିତୀ କହନ୍ତି, 'ଛାତ୍ରୀ ଜୀବନରୁ ମୁଁ ନିଜ ଫିଟ୍‌ନେସ୍ ପ୍ରତି ବେଶ୍ ସଚେତନ। ଯେତେ ବ୍ୟସ୍ତ ରହିଲେ ମଧ୍ୟ ପ୍ରତିଦିନ ଏକ୍ସରସାଇଜ କରିବାକୁ ମୁଁ ମୋ ଡେଲି ରୋଟିନ୍‌ରେ ସାମିଲ କରିଆସିଛି। ଏହାବ୍ୟତୀତ ମୋର ଗୀତ ଗାଇବା ପ୍ରତି ପିଲାଟି ଦିନରୁ ରୁଚି ରହିଛି। ତେଣୁ ଏବେ ବି ମୁଁ ପ୍ରତିଦିନ କିଛି ସମୟ ଏହାକୁ ଅଭ୍ୟାସ କରିଥାଏ।' ଅଭିନୟ ବ୍ୟତୀତ ପରିଣିତୀ ଆଉ କେତୋଟି ଜିନିଷରେ ମଧ୍ୟ ରୁଚି ରଖନ୍ତି। ସେ ଜଣେ ଭଲ ଗଲ୍‌ଫ ଖେଳାଳୀ। ପାଠ ପଢ଼ିବା ସମୟରେ ସେ ଜଣେ ମେଧାବୀ ଛାତ୍ରୀ ଥିଲେ। ପରିଣିତୀଙ୍କର ଆଉ ଏକ ଅଭ୍ୟାସ ରହିଛି। ସେ ଶପିଂ ପାଇଁ ଯିବା ମାତ୍ରେ ତାଙ୍କର ଆଖି ଘୁରିବୁଲେ ଗୋଟିଏ ଜିନିଷ ଉପରେ। ତାହା ହେଲା ଜୋତା। ବଜାରକୁ ଯେତେ ପ୍ରକାର ନୂଆ ବ୍ରାଣ୍ଡର ଜୋତା ଆସେ ତାହାକୁ ସେ ନ କିଣି ରହିପାରନ୍ତି ନାହିଁ। ତେଣିକି ତାହା ଯେତେ ଦାମୀ ହୋଇଥାଉ ନା କାହିଁକି। 'ଇସ୍କଜାଦେ' ଫିଲ୍ମ ପାଇଁ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ଶ୍ରେଷ୍ଠ ଅଭିନେତ୍ରୀ ଭାବରେ ପୁରସ୍କୃତ ହେବା ହେଉଛି ତାଙ୍କ ଅଭିନୟ ଜୀବନର ସବୁଠାରୁ ସ୍ମରଣୀୟ ମୁହୂର୍ତ୍ତ।



ପରିଣିତୀ

# ବନ୍ଧାପଡ଼ିଥିବା ମା'ର ହାରକୁ ମୁକୁଳାଇଥିଲି

ପ୍ରଥମ ରୋଜଗାର



ଅନୁବାଦକ ତଥା ବରିଷ୍ଠ ଲେଖାପରୀକ୍ଷା ଅଧିକାରୀ **ମନମୋହନ ପ୍ରଧାନ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ଛଅପ୍ରାଣୀଙ୍କୁ ନେଇ ଆମ ପରିବାର। ଏକମାତ୍ର ଉପାର୍ଜନକ୍ଷମ ବ୍ୟକ୍ତି ଥିଲେ ବାପା। ଗାଁ ବଜାର କ୍ୟାବିନ୍‌ରେ ଲୁଗା କପଡ଼ାର ଛୋଟ ଖୁଚୁରା ଦୋକାନଟିଏ। ଯେନତେନ ପ୍ରକାରରେ ଧାର କରଜରେ ଘରଖର୍ଚ୍ଚ ଚାଲିଥିଲାବେଳେ ବାପା ପରାମର୍ଶ ଦେଲେ ପ୍ରତିଯୋଗିତାମୂଳକ ପରୀକ୍ଷା ନିମନ୍ତେ ପ୍ରସ୍ତୁତି ପାଇଁ ଭୁବନେଶ୍ୱର ଯିବାକୁ। ପରିବାରର କେତେଜଣ ବନ୍ଧୁ, ଶୁଭେଚ୍ଛୁ ଓ ପାଖ ପଡ଼ୋଶୀ କେହି କେହି ଭଲ ମନରେ ତ ଆଉ କେହି କେହି ମିଛ ଦରଦ ଦେଖାଇ ବାପାଙ୍କୁ ପରାମର୍ଶ ଦେଲେ ଆଜିକାଲି ବିନା ଲାଞ୍ଚରେ କଉ ସରକାରୀ ଚାକିରି ମିଳୁଛି ଯେ ପୁଅକୁ ବାହାରକୁ ପଠାଉଛ? ବରଂ ଦୋକାନ ସିଏ ସମ୍ଭାଳୁ। ବାପା ସବୁ ଶୁଣି ଉପରକୁ ହାତଟେକି କହନ୍ତି ସବୁ ସେଇ କାଳିଆର ଇଚ୍ଛା। ଚାରିବର୍ଷର ସଂଘର୍ଷ ଭିତରେ ୨୦୦୪ ଏପ୍ରିଲ ମାସରେ ମିଳିଲା ଭାରତୀୟ ଲେଖାପରୀକ୍ଷା ନିୟନ୍ତ୍ରକ ବିଭାଗରେ ଅନୁଭାଗ ଅଧିକାରୀ ଚାକିରି। ଏବେ ପ୍ରତୀକ୍ଷାର ବେଳ କେବେ ହାତକୁ ଆସିବ ନିଯୁକ୍ତି ପତ୍ର। ଏ ଭିତରେ ନିଯୁକ୍ତି ପାଇଥିବା ଦୁଇ ତିନିଜଣଙ୍କ ସହିତ ପରିଚୟ ହୋଇସାରିଥାଏ। ଅଗଷ୍ଟ ମାସ ବେଳକୁ ସେମାନଙ୍କ ପାଖକୁ ନିଯୁକ୍ତି ପତ୍ର ଆସିଗଲା ଓ ସେମାନେ ଚାକିରିରେ ଜଏନ୍ କରିଗଲେ। ମୋ ପାଖକୁ ନିଯୁକ୍ତ ପତ୍ର ନ ଆସିବାର କାରଣ ନେଇ ଦିଲ୍ଲୀ କାର୍ଯ୍ୟାଳୟକୁ ଯୋଗାଯୋଗ କରିବାରୁ ଉତ୍ତର ଆସୁଥାଏ ତମ ନାମରେ ନିଯୁକ୍ତି ସଂକ୍ରାନ୍ତୀୟ ଫାଇଲ ହସ୍ତଗତ ହୋଇନାହିଁ। ଘୋର ମନସ୍ତାପରେ ମୋ ସହିତ ସାରା ପରିବାର। ଏଇ ଭିତରେ ଏକ ଚିଠି ଆସିଲା ଯଦି ସାତଦିନ ଭିତରେ ତୁମର ଠିକ୍ ଜାତିଗତ ପ୍ରମାଣପତ୍ର ଦାଖଲ ନ କର ତେବେ ତୁମର ନିଯୁକ୍ତିପତ୍ର ବାତିଲ ହୋଇଯିବ। ଘଟଣାଟି ଥିଲା ଏହିପରି। ରେଜଲ୍ଟ ବାହାରିବାର କିଛିଦିନ ପରେ ମୁଁ ମୋର ସମସ୍ତ ସାର୍ଟିଫିକେଟ ଠିକ୍ ଅଛି ନା ନାହିଁ ଯାଞ୍ଚ କଲାବେଳେ ଦେଖିଲି ମୋର ଜାତିଗତ ପ୍ରମାଣପତ୍ରର ଅବଧି ସରିଯାଇଛି। ତେଣୁ ଏହାକୁ ନବୀକରଣ କରିବାକୁ ତହସିଲ ଅଫିସ ଗଲି ମାତ୍ର ସେଠାକାର କର୍ମଚାରୀ ବିଭିନ୍ନ ଆଳ ଦେଖାଇ ପ୍ରମାଣ ପତ୍ର ଦେଲେ ନାହିଁ। ଉଚ୍ଚ ଅଧିକାରୀଙ୍କ ଧ୍ୟାନ ଆକର୍ଷଣ କଲେ ବି କିଛି ସୁଫଳ ମିଳିଲାନି। ଏହାପରେ ଭାବିଲି ଯେହେତୁ ମୋର ସାଧାରଣ ବର୍ଗରେ ସିଲେକ୍‌ଶନ ହୋଇଥିଲା, ତେଣୁ କାହିଁକି ଆଉ ଏ ଜାତିଗତ ପ୍ରମାଣପତ୍ର ପଛରେ ପଡିବି ବରଂ ସାଧାରଣବର୍ଗରେ ବିବେଚନା କରନ୍ତୁ ବୋଲି ଷ୍ଟାଫ୍ ସିଲେକଶନ ଅଫିସକୁ ଜଣାଇଦେଲି। ହେଲେ ଏବେ ପୁଣି ସେଇ ଜାତିଗତ ପ୍ରମାଣପତ୍ରକୁ ନେଇ ସମସ୍ୟା? କ'ଣ କରିବି ତହସିଲ ଅଫିସକୁ ଯାଇ ଆଉ କିଛି ଲାଭ ନାହିଁ ଭାବି ଅନନ୍ୟୋପାୟ ହୋଇ ମୁଁ ଅନୁଗୋଳ ଜିଲାପାଳଙ୍କୁ ଅଭିଯୋଗ ଶୁଣାଣି ଦିନ ଦେଖାକରିବାକୁ ଗଲି। ସେତେବେଳେ ଜିଲାପାଳ ଥାଆନ୍ତି ଡ. ଅରବିନ୍ଦ ପାଢ଼ୀ। ମୋ କଥା ଶୁଣିସାରିଲା ପରେ କିଛି ନ କହି ଫୋନରେ ତହସିଲଦାରଙ୍କୁ ଜାତିଗତ ପ୍ରମାଣପତ୍ର କାଲିସୁଦ୍ଧା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଲେ। ଜିଲାପାଳଙ୍କ ଆଦେଶ ମୁତାବକ ବସ୍‌ଷ୍ଟାଣ୍ଡରୁ ଘରକୁ ନ ଯାଇ ସିଧା ତହସିଲଦାରଙ୍କ ବାସଭବନକୁ ଗଲି। ତହସିଲଦାର ମହାଶୟ ଦେଖା ତ ଦେଲେନି ଚପରାସୀକୁ କହିଲେ ତାକୁ କୁହ ସେ ଅଫିସ୍‌ର ବଡ଼ବାବୁଙ୍କୁ ଦେଖା କରିବାକୁ। ବାପାଙ୍କୁ ସାଥିରେ ନେଇଗଲି ତାଙ୍କ ବସାକୁ। ସେ ସବୁ ଶୁଣିଲାପରେ ବେପରୁଆ ହସହସି କହିଲେ ଟଙ୍କା ପାଞ୍ଚହଜାର ଧରିକି ଆସ କାଲି ସକାଳୁ ସାର୍ଟିଫିକେଟ ନେଇକି ଯିବ। ତା'ମାନେ ଆପଣ ଲାଞ୍ଚ ମାଗୁଛନ୍ତି? ମୋ କଥା ଶୁଣି ଚିହିଁକି ପଡିଲେ ବଡ଼ବାବୁ। ଦେଖ କେମିତି ମୁହଁରେ ଜବାବ ଦେଉଛି। ବାପା ପରିସ୍ଥିତିକୁ ସମ୍ଭାଳି ନେଇ ଆଜ୍ଞା ରାଗନ୍ତୁନି ପିଲାଟା କ'ଣ ଟିକେ କହିଦେଲା କହି ମୋତେ ସେଠାରୁ ବାହାରି ଯିବାକୁ କହିଲେ। କିଛି ସମୟ ପରେ ବାପା ଆସିଲେ ଓ କହିଲେ ଚାଲ ଯିବା ଘରକୁ। ମୋ ମନ ଭିତରେ ସରକାରୀ ବିଧି ବ୍ୟବସ୍ଥା ବିରୋଧରେ ଏଭଳି କାର୍ଯ୍ୟକୁ ନେଇ ପୁଞ୍ଜୀଭୂତ କ୍ରୋଧ ସହିତ ସୀମାହୀନ ଅସହାୟତା ସୃଷ୍ଟିହେଲା। ବାପା ମୋ ମନର କଥା ବୁଝିପାରି ନୀରବତା ଭାଙ୍ଗି କହିଲେ ବାପାରେ, ମୁଁ ନାଚାର। ବ୍ୟବସ୍ଥା ବିରୋଧରେ ଯିବାକୁ ମୋର ଶକ୍ତି ନାହିଁ। ମୁଁ ସାଧାରଣ ସ୍ୱାର୍ଥପର ମଣିଷଟେ। ତୋର ଚାକିରି ପାଇବା ଆମ ପରିବାର ପାଇଁ ନିହାତି ଦରକାର। ତେଣୁ ଯାହା କରିବାକୁ ପଡିବ କରିବି, ମୋର ଟିକିଏ ବି ଅନୁଶୋଚନା ନାହିଁ। ଘରେ ୫ହଜାର ଟଙ୍କା ବା ଆସିବ କୁଆଡୁ? ମା' ପିନ୍ଧିଥିବା ସୁନାହାରଟି ବନ୍ଧାପଡ଼ିଲା, ପରଦିନ ତହସିଲ ଅଫିସରୁ ଯାଇ ବାପା ନେଇ ଆସିଲେ ଜାତିଗତ ପ୍ରମାଣପତ୍ର। ନଭେମ୍ବର ୫ ତାରିଖରେ ଚାକିରିରେ ଜଏନ୍ କଲି। ନଭେମ୍ବର ୩୦ତାରିଖ ଦରମା ବାରି। ମନରେ ଅସୁମାରି ଉତ୍କଣ୍ଠା। ହାତରେ ଧରିଲି ପ୍ରଥମ ଦରମା ୧୨,୩୦୦ଟଙ୍କା। ଦରମା ମିଳିଛି ବୋଲି ବାପାଙ୍କୁ ଫୋନରେ ଜଣାଇଲି। ଠାକୁରଙ୍କ ନାମରେ ଅମୁହାଁ ହଜାରେ ଟଙ୍କା ରଖି ଆଉ ଯାହା ଖର୍ଚ୍ଚ କରିବାକୁ ସେ ପରାମର୍ଶ ଦେଲେ। ହେଲେ ମୁଁ ଅମୁହାଁ ରଖିଲି ୭ହଜାର ଟଙ୍କା। କାରଣ ମା' ବେକର ହାର ବି ମୁକୁଳାଇବାକୁ ପଡ଼ିବ। ଆଖିର ଲୁହ ବୋଲ ମାନୁ ନ ଥାଏ। ଏହା ଭିତରେ ଚାକିରିକୁ ବିତିଗଲାଣି ୧୭ବର୍ଷ ମାତ୍ର ପ୍ରଥମ ରୋଜଗାରର ସ୍ମୃତି ବିଲ୍‌କୁଲ୍ ନିଆରା ଓ ଅପାସୋରା।

# ଉଚ୍ଛୁଳା ପ୍ରେମକୁ ଅଥୟ ମନ, ଜଣା ପଡେ ନାହିଁ ରାତି କି ଦିନ




**ପ୍ରଶ୍ନ**–ଜଣେ ସୁନ୍ଦରୀ ମୋ ମନରେ ଘର କରିସାରିଛି। ହେଲେ ସେ ମୋତେ ଭଲ ପାଉଛି କି ନାହିଁ କେମିତି ଜାଣିବି? *–ପ୍ରଣବ କୁମାର, ଆଠଗଡ*

**ଉତ୍ତର:** ଯାହାକୁ ଆପଣ ନିଜ ମନ ଭିତରେ ସ୍ଥାନ ଦେଇସାରିଛନ୍ତି ତାକୁ ବୋଧହୁଏ ଭଲ ଭାବରେ ଚିହ୍ନି ନାହାନ୍ତି। ନ ହେଲେ ଏମିତି ଏକତରଫା ପ୍ରେମରେ ବୁଡି ଯାଇ ନ ଥାନ୍ତେ। 'ଉଚ୍ଛୁଳା ପ୍ରେମକୁ ଅଥୟ ମନ, ଜଣା ପଡେ ନାହିଁ ରାତି କି ଦିନ'। ଯଦି ସେହି ମନର ମାନସୀ ବିଷୟରେ କିଛି ଜାଣିଛନ୍ତି ତେବେ ତାକୁ ଭେଟିବାକୁ ଚେଷ୍ଟା କରନ୍ତୁ। ସେହି ସମୟରେ ବେଳକାଳ ଦେଖି ନିଜ ମନ ଭିତରେ ଆନ୍ଦୋଳିତ ହେଉଥିବା ବହୁ ଦିନର କଥା ତା' ସାମନାରେ ଉଗାଳି ପକାନ୍ତୁ। ଯଦି ପାଣିପାଗ ଠିକ୍ ରହିଲା ତେବେ ଜାଣି ନିଅନ୍ତୁ ଯେ ଆପଣଙ୍କ ଆଶା ପୂରଣ ହୋଇଯାଇଛି।

**ପ୍ରଶ୍ନ**–ମୋ ସ୍ୱପ୍ନ ସୁନ୍ଦରୀ ମୋତେ କଣେଇ କଣେଇ ଚାହୁଁଛି। ବେଳେବେଳେ ହସି ଦେଉଛି। ହେଲେ ତାକୁ ଯଦି ମୋ ମନର କଥା କୁହେ, ହୁଏତ ସେ ତାକୁ ଗ୍ରହଣ କରି ନ ପାରେ। ଏବେ ମୁଁ କ'ଣ କଲେ ଠିକ୍ ହେବ? *–କମଲ ରାଉତ, ପାରାଦୀପ, ଜଗତସିଂହପୁର*

**ଉତ୍ତର:** ଆପଣଙ୍କ ସ୍ୱପ୍ନ ସୁନ୍ଦରୀର ସେହି କଣେଇ କଣେଇ ଚାହାଣୀରେ ପ୍ରେମର ପହିଲି ଇସାରା ଲୁଚି ରହିଛି। କେବଳ ମନକୁ ଥଣ୍ଡା କରି ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ପ୍ରେମ କରିବାକୁ ଅଣ୍ଟା ଭିଡିଛନ୍ତି ତେବେ ମନରେ କୌଣସି ପ୍ରଶ୍ନବାଚୀ ରଖନ୍ତୁ ନାହିଁ। ନିଜ ଉପରେ ଶତ ପ୍ରତିଶତ ଭରସା ରଖନ୍ତୁ। ଏପରି ବଲ୍ ପକାନ୍ତୁ ଯେମିତି ଆପଣଙ୍କ ପ୍ରେମିକା ଏକାଥରେ କ୍ଲିନ୍ ବୋଲ୍ଡ ହୋଇଯିବ।

**ପ୍ରଶ୍ନ**–ମୋ ସାଙ୍ଗ କଥାରେ ପଡି ମୁଁ ଜଣେ ଝିଅକୁ ଭଲ ପାଇଲି। ବେଶ୍ କିଛି ମାସ ଆମର ପ୍ରେମ ଆଗକୁ ଆଗେଇଲା। ହେଲେ ଏବେ ମୋ ପ୍ରେମିକା ମୋଠାରୁ ଦୂରେଇ ଯିବାକୁ ଚାହୁଁଛି। ଶୁଣିବାକୁ ପାଉଛି ଯେ ସେ ଏବେ ମୋର ସେହି ସାଙ୍ଗ ପ୍ରେମରେ ପଡିଯାଇଛି। ମୁଁ ଏବେ କ'ଣ କରିବି? *–ବିଜୟ, ସୁନାବେଡା*

**ଉତ୍ତର:** ସାଙ୍ଗ କଥାରେ ପଡି ଯାହାକୁ ଭଲ ପାଇ ବସିଲେ, ତା' ପୂର୍ବରୁ ସେ ବିଷୟରେ ଭଲ ଭାବରେ ଚିନ୍ତା କରିବାର ଥିଲା। କାରଣ ପ୍ରେମିକା ଚଏସ୍ କରିବା ସମୟରେ ବୋଧହୁଏ କିଛି ଭୁଲ ଭଟକା ରହିଯାଇଛି। ଯେଉଁ କଥା ଆପଣ ଶୁଣୁଛନ୍ତି ତାହା କେତେ ସତ ପ୍ରଥମେ ଜାଣନ୍ତୁ। ପୁଣି ଉଲ୍ଲେଖ କରିଛନ୍ତି ଯେ, ଆପଣଙ୍କ ପ୍ରେମିକା ଆପଣଙ୍କଠାରୁ ଦୂରେଇ ଯିବାକୁ ଚାହୁଁଛି। ଯଦି ଏକଥା ସତ ହୋଇଥାଏ, ତେବେ ସେଭଳି ପ୍ରେମ ଆଉ ପ୍ରେମିକା ଉପରେ ଭରସା କରିବା ଠିକ୍ ନୁହେଁ। କାରଣ ସେ ହୁଏତ ଅଧା ବାଟରେ ଆପଣଙ୍କ ହାତ ଛାଡି ଦେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଅବସ୍ଥା ଦେଖି ବ୍ୟବସ୍ଥା କରନ୍ତୁ।

**ପ୍ରଶ୍ନ**–ପ୍ରେମ କଲେ କେମିତି ଲାଗେ କହିବେ କି ସାଥୀ? *–ପ୍ରୀତମ, କଟକ*

**ଉତ୍ତର:** ପ୍ୟାର୍ କା ଲଡ୍ଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ୱ ଭି ପସ୍ତାୟା। ତେଣୁ ଯିଏ ସଚ୍ଚା ଦିଲ୍‌ରେ ପ୍ରେମ କରିଛି ସେ ହିଁ ପ୍ରେମର ଅସଲ ଚାର୍ମ କ'ଣ ତାହା ଜାଣିପାରିଛି। ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ୍ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। କାରଣ ସେପରି ପ୍ରେମ ମାଗି ଆଣିବା ତରକାରୀ ଷୋଡକାଏ ପରି।

**ପ୍ରଶ୍ନ**–ପ୍ରେମ ଆରମ୍ଭ ଲାଜରୁ ହୋଇଥାଏ। ଏକଥା ସତ କି? *–ଦୀପେନ ସାହୁ, ରାଉରକେଲା*

**ଉତ୍ତର:** କେତେକ କ୍ଷେତ୍ରରେ ଏକଥା ସତରେ ପରିଣତ ହୋଇଥାଏ। କାରଣ ଲାଜେଇ ଝିଅର ଆଖିରେ ପ୍ରେମ ଭରି ରହିଥାଏ। 'ଲାଜୁଆ ଆଖିର ଭିତିରି କଥା ଘଡିକେ ଘୁରାଇ ଦିଅଇ ମଥା'। ତା' ଲାଜକୁ ନେଇ ଆପଣ ଯଦି ଲାଜରେ ଝାଉଁଳି ପଡିଲେ ତେବେ ପ୍ରେମ କେମିତି ହେବ କହୁନାହାନ୍ତି? ସେହି ଲାଜକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ସେଥିରୁ ପ୍ରେମର ସୂରାକ ପାଇଲେ ତେବେ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ।

**ପ୍ରଶ୍ନ**–ମୋ ପ୍ରଥମ ପ୍ରେମକୁ ମୁଁ ଭୁଲି ପାରୁନି। ଏବେ ମୁଁ ଆଉ ଜଣେ ଝିଅକୁ ଭଲ ପାଇବି ବୋଲି ଚିନ୍ତା କରୁଛି। ଏ ନେଇ ଆଗେଇବା ଠିକ୍ ହେବ ତ? *– ହରିହର ପୁରୋହିତ, ଚକ୍ରତୀର୍ଥ ରୋଡ, ପୁରୀ*

**ଉତ୍ତର:** ଆଖିବୁଜି ମାଡିଚାଲ, ନିଶ୍ଚୟ ପ୍ରେମରେ ସଫଳ ହେବ।

# ଅଜବ ଜନଜାତି



ଆଜି ବି ଏମାନେ ପୃଥିବୀର କେଉଁ ଏକ ଅପହଞ୍ଚ କୋଣରେ ଲୁଚି ରହୁଛନ୍ତି। ପୁରାତନ ଶିକାର ପଦ୍ଧତିରେ ଖାଦ୍ୟ  ସଂଗ୍ରହ କରୁଛନ୍ତି, ପିନ୍ଧୁଛନ୍ତି ସେମାନଙ୍କର ପାରମ୍ପରିକ ପୋଷାକ। ଆଧୁନିକତାଠାରୁ ବହୁତ ଦୂରରେ ଥିବା ଏହି ଆଦିବାସୀ ସମ୍ପ୍ରଦାୟର ଲୋକେ ଏବେ ବି ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖିଛନ୍ତି...

## ହୁଲି ୱିଗମ୍ୟାନି


ପପୁଆ ନିଉଗିନିର 'ହେଲା' ପ୍ରାନ୍ତ ହେଉଛି ହୁଲି ଜନଜାତିଙ୍କ ଘର।  ଏମାନେ ପପୁଆ ନିଉଗିନିର ସବୁଠାରୁ ବଡ଼ ଓ ରଙ୍ଗିନ ଜନଜାତି। ଏହି ଜନଜାତିରେ ପୁରୁଷ ମହିଳା ଅଲଗା ଅଲଗା ଘରେ ରୁହନ୍ତି। ପୁଅମାନେ ସାଧାରଣତଃ ୧୨ ବର୍ଷ ବୟସର ହେବା ପର୍ଯ୍ୟନ୍ତ ନିଜ ମା' ପାଖରେ ରୁହନ୍ତି। ଏହାପରେ ଅନ୍ୟ ପୁରୁଷଙ୍କ ସହ ମିଶି ସେମାନଙ୍କ ଘରେ ରୁହନ୍ତି। ସବୁଠାରୁ ରଙ୍ଗିନ ଜନଜାତି ଭାବେ ପରିଚିତ ଏହି ଜନଜାତିର ପୁରୁଷମାନେ ଚେହେରାରେ ହଳଦିଆ ଓ ଲାଲ ରଙ୍ଗ ବୋଳି ହୁଅନ୍ତି, ଯାହାକି କିଶୋରରୁ ପୁରୁଷ ହେବାର ନିଦର୍ଶନ। ଏହାବାଦ୍ ମୁଣ୍ଡରେ ଏକ ସ୍ୱତନ୍ତ୍ରଧରଣର ୱିଗ ପିନ୍ଧନ୍ତି, ଯାହାକୁ ପୁରୁଷମାନେ ନିଜ କେଶରେ ତିଆରି କରନ୍ତି। ସେଥିରେ ବର୍ଡ ଅଫ୍ ପାରାଡାଇଜ୍ ସହ ବିଭିନ୍ନ ଚଢେଇ ପର ଲଗାଇଥାନ୍ତି। ଅଣ୍ଟାରେ ପିନ୍ଧନ୍ତି ଘୁଷୁରି ଲାଞ୍ଜ ଝୁଲିଥିବା ବେଲ୍ଟ। ଏହାସହ ପତ୍ରରେ ତିଆରି ପୋଷାକ ପିନ୍ଧି ଏକ ପ୍ରକାରର ଚଢ଼େଇ ନାଚ ନାଚନ୍ତି।


## ଡୋଗୋନ

ପଶ୍ଚିମ ଆଫ୍ରିକା, ମାଲିର ବନ୍ଦିଗାରା ସହର ନିକଟସ୍ଥ ବୁର୍କିନା ଫାସୋରେ ଦେଖାଯାଆନ୍ତି ଏହି ଜନଜାତି। ଡୋଗନମାନେ ନିଜର ଧାର୍ମିକ ପରମ୍ପରା, ମୁଖା ନୃତ୍ୟ, ନାରୀର ମୂର୍ତ୍ତିକଳା ପାଇଁ ବେଶି ପରିଚିତ। ଇତିହାସ କହେ ୧୦୦୦ ବର୍ଷ ପୂର୍ବେ ବନ୍ଦିଗାରା କ୍ଷେତ୍ରରେ ଡୋଗନ ଗାଁକୁ ସ୍ଥାପନ କରାଯାଇଥିଲା। କାରଣ ଏମାନେ ସାମୂହିକଭାବେ ଇସ୍‌ଲାମ ଧର୍ମ ଗ୍ରହଣ କରିବାକୁ  ରାଜି ହୋଇ ନ ଥିଲେ। ସେମାନେ ମୁସଲିମମାନଙ୍କ ଦ୍ୱାରା ନିୟନ୍ତ୍ରିତ ସ୍ଥାନରୁ ବି ବାହାରିଗଲେ। ଆଉ ନିଜ ବସତି ଏକ ବଡ଼ ପାହାଡ଼ ତଳେ ବସାଇଲେ। ଏହି ଜନଜାତିରେ ଏକପତ୍ନୀ ସହ ବହୁପତ୍ନୀ ରଖିବାର ଅନୁମତି ଅଛି। ସ୍ତ୍ରୀମାନେ ପ୍ରଥମ ସନ୍ତାନ ପୂର୍ବରୁ ସ୍ୱାମୀଙ୍କୁ ତ୍ୟାଗ କରିପାରିବେ। ହେଲେ ସନ୍ତାନ ହେବା ପରେ ନୁହେଁ। ଏମାନେ ସେହି ତିଖ ପାହାଡ଼ ଉପରେ ଚଢ଼ି ପାରା ଧରନ୍ତି ଓ ବାଦୁଡ଼ି ମଳ ସଂଗ୍ରହ କରନ୍ତି, ଯାହାକୁ କି ସେମାନେ ସାରଭାବେ ବିକ୍ରି କରନ୍ତି।

## ଚିମ୍ବୁ ସ୍କେଲିଟନ ଡ୍ୟାନ୍ସର

ଏହି ଆଦିବାସୀ ଜନଜାତିର ନାମ ପ୍ରକୃତରେ ଚିମ୍ବୁ। ହେଲେ ଏମାନେ କରୁଥିବା ସ୍ୱତନ୍ତ୍ର ପ୍ରକାରର କଙ୍କାଳ ନୃତ୍ୟ ପାଇଁ ଏହି ଜନଜାତି ଚିମ୍ବୁ ସ୍କେଲିଟନ ଟ୍ରାଇବ୍ ଭାବେ ପରିଚିତ। ପ୍ରାୟ ୨୦୦ ବର୍ଷ ପୂର୍ବେ କେତେଜଣ ଶିକାରୀ ଶିକାର କରିବାକୁ ଜଙ୍ଗଲକୁ ଯାଇ ଫେରିପାରି ନ ଥିଲେ। ଏକ ଗୁମ୍ଫାରେ ପହଞ୍ଚିଥିଲେ ଯେଉଁଠି ଥିଲା ଅନେକ ମାନବ







କଙ୍କାଳ। ଭୂତର ଭୟ ସେମାନଙ୍କୁ ଘାରିଥିଲା। ଆଉ ଏଥିରୁ ବଞ୍ଚିବା ପାଇଁ ଏକ ଉପାୟ ଆପଣେଇଥିଲେ। ତାହା ହେଉଛି ଧଳା ଓ କଳା ମାଟିରେ ନିଜ ଶରୀରକୁ କଙ୍କାଳ ପରି ଚିତ୍ରିତ କରିବା। ପରେ ଶରୀରରେ ଏଭଳି କଙ୍କାଳ ଚିତ୍ର କରିବା ପରମ୍ପରାରେ ପରିଣତ ହୋଇଗଲା, ଯାହାକି ସେମାନଙ୍କର ଐତିହ୍ୟ କଥା କୁହେ। ଏବେ ବି ଏହି ଜନଜାତି ଶତ୍ରୁକୁ ଡରାଇବା ଲାଗି ଶରୀରକୁ କଙ୍କାଳ ଚିତ୍ରରେ ଚିତ୍ରଣ କରୁଛନ୍ତି।

## ଅସାରୋ ମଡ୍‌ମ୍ୟାନ

ପପୁଆ ନିଉଗିନିରେ ପାରମ୍ପରିକ ପୋଷାକ ଓ କାଦୁଅର ମୁଖା ପିନ୍ଧୁଥିବା ଏହି ଆଦିବାସୀ ଜନଜାତି ମଡମ୍ୟାନ ଓ ଅସାରୋ ନାମରେ ବି ପରିଚିତ। ଅସାରୋ ମଡମ୍ୟାନଙ୍କ ଉତ୍ପତ୍ତି ସମ୍ପର୍କରେ ନାନା କଥା ରହିଛି। ସେଥିମଧ୍ୟରୁ ଗୋଟିଏ ହେଉଛି– ଅସାରୋ ଜନଜାତି ଏକ ଶତ୍ରୁ ଜନଜାତିଠାରୁ ହାରି ଯାଇ ଅସାରୋ ନଦୀରେ ଶରଣ ନେଇଥିଲେ। ସେଠି ସେମାନେ ସନ୍ଧ୍ୟା ପର୍ଯ୍ୟନ୍ତ ଜଗିଥିଲେ ଖସି ଯିବା ପାଇଁ।  ହେଲେ ସେମାନଙ୍କ ମଧ୍ୟରୁ ଜଣେ ଧରାପଡ଼ିଲେ। ହେଲେ ସେହି ବ୍ୟକ୍ତିଜଣକ ନଦୀରୁ ବାହାରିଲାବେଳକୁ କାଦୁଅରେ ସରସର ହୋଇଥିଲେ। ଫଳରେ ଶତ୍ରୁଜଣକ ତାଙ୍କୁ ଆତ୍ମା ଭାବି ଡରି ପଳାଇଗଲେ। ସେଥିପାଇଁ ପରବର୍ତ୍ତୀ ସମୟରେ ଏହି ଜନଜାତି ମାଟିର ଭୟଙ୍କର ମୁଖା ତିଆରି କରି ପିନ୍ଧିବାକୁ ଲାଗିଲେ। ଯେମିତିକି ଶତ୍ରୁପକ୍ଷ ଦେଖି ଡରିବେ। ଏବେବି ସେମାନେ ମାଟିର ମୁଖା ବ୍ୟବହାର କରନ୍ତି ଓ ଆଧୁନିକତାଠୁ ସେମାନେ ବହୁ ଦୂରରେ।



ବିଶାଲ୍

# ହାଃ ହାଃ

## ନାଚୁଛନ୍ତି

ଘର ମାଲିକ ବ୍ୟକ୍ତିଙ୍କୁ- ଏ ଘରର ଭଡା ୭୦୦ଟଙ୍କା।
ବ୍ୟକ୍ତି-ଠିକ୍ ଅଛି। ହେଲେ ଆପଣଙ୍କ ଘରେ ତ ଖାଲି ମୂଷା ନାଚୁଛନ୍ତି।
ଘର ମାଲିକ- ଏତିକି ଟଙ୍କାରେ ମୂଷା ନାଚିବେନି ତ କ'ଣ ସନି ଲିଓନି ଆସି ନାଚିବ।

## କ'ଣ ଖାଇବ

ରମେଶ ଶ୍ୱଶୁରଘରକୁ ଯାଇଥାଏ। ୭ ଦିନ ପର୍ଯ୍ୟନ୍ତ ଶାଶୁମା' ପାଳଙ୍ଗର ବିଭିନ୍ନ ତରକାରୀ କରି ଖୁଆଇଲେ। ୮ମ ଦିନ ଶାଶୁ ରମେଶକୁ- ପୁଅ କ'ଣ ଖାଇବ ?
ରମେଶ- ଆପଣ କେବଳ କ୍ଷେତ ଦେଖେଇ ଦିଅନ୍ତୁ। ମୁଁ ନିଜେ ଯାଇ ଚରିକି ପଳେଇ ଆସିବି।

## ଅଧା

ରାଜୁ ଅଟୋରେ ଯାଉଥାଏ। ପହଞ୍ଚିବା ପରେ ଅଟୋବାଲା-ଆଜ୍ଞା, ୫୦ ଟଙ୍କା ହେଲା।
ରାଜୁ ୨୫ ଟଙ୍କା ଦେଲା..
ଅଟୋବାଲା- ଇଏତ ଅଧା ହେଲା।
ରାଜୁ- ଅଟୋରେ କ'ଣ ମୁଁ ଏକୁଟିଆ ବସିଥିଲି ? ତମେ ବି ତ ବସିକି ଆସିଲ। ସେଥିପାଇଁ ବାକି ଅଧା ଟଙ୍କା ତମେ ଦିଅ।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ସହସ୍ର ବାହୁ ମନ୍ଦିର





**ରାଜସ୍ଥାନଠାରେ ରହିଛି ପ୍ରଭୁ ବିଷ୍ଣୁଙ୍କୁ ସମର୍ପିତ ଏକ ଭବ୍ୟ ମନ୍ଦିର; ଯାହାର ନାଁ ହେଉଛି ସହସ୍ର ବାହୁ ମନ୍ଦିର। ଏହି ମନ୍ଦିରର ଆକର୍ଷଣୀୟ ବାସ୍ତୁକଳା ସାଙ୍ଗକୁ ଶାନ୍ତ ପରିବେଶ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ ...**

ରାଜସ୍ଥାନର ଉଦୟପୁର ଜିଲା ଅନ୍ତର୍ଗତ ନାଗଦା ନାମକ ଏକ ଗାଁ ନିକଟରେ ରହିଛି ସହସ୍ର ବାହୁ ମନ୍ଦିର। ଏହି ମନ୍ଦିର ମୁଖ୍ୟତଃ ଭଗବାନ ବିଷ୍ଣୁଙ୍କୁ ସମର୍ପିତ। କେବଳ ପ୍ରଭୁ ବିଷ୍ଣୁ କାହିଁକି ଏଠାରେ ଅନ୍ୟାନ୍ୟ ଦେବଦେବୀଙ୍କୁ ମଧ୍ୟ ପୂଜା କରାଯାଇଥାଏ। ଖାସ୍ କରି ବୀରଭଦ୍ର ହେଉଛନ୍ତି ଏଠାକାର ଅନ୍ୟତମ ଆରାଧ୍ୟ ଦେବତା। ଯାହାବି ହେଉ ଆକର୍ଷଣୀୟ ବାସ୍ତୁକଳାରେ ନିର୍ମିତ ଏହି ମନ୍ଦିରର ଶାନ୍ତ ପରିବେଶ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ତା'ଛଡ଼ା ଏଠାରେ ପୂଜା ପାଉଥିବା ବିଷ୍ଣୁ ମହାପ୍ରଭୁ ଓ ପ୍ରଭୁ ବୀରଭଦ୍ର ଖୁବ୍ ପତ୍ୟେକ୍ଷ ହୋଇଥିବାରୁ ତାଙ୍କ ଆଶୀର୍ବାଦ ଲଭିବା ପାଇଁ ବର୍ଷସାରା ଏଠାରେ ଶ୍ରଦ୍ଧାଳୁଙ୍କର ଖୁବ୍ ଭିଡ଼ ଦେଖିବାକୁ ମିଳିଥାଏ।

### ମନ୍ଦିରକୁ ନେଇ କିମ୍ବଦନ୍ତୀ

କିମ୍ବଦନ୍ତୀରୁ ଯାହା ଜଣାଯାଏ, କଛୱାହା ରାଜବଂଶର ରାଜା ମହିପାଲ ନିଜ ଧର୍ମପତ୍ନୀଙ୍କୁ ଖୁବ୍ ଭଲ ପାଉଥିଲେ। ଆଉ ତାଙ୍କ ପତ୍ନୀ ଥିଲେ ଭଗବାନ ବିଷ୍ଣୁଙ୍କର ଜଣେ ପରମ ଭକ୍ତ। ଖାସ୍‌କରି ପତ୍ନୀଙ୍କର ଖୁସି ପାଇଁ ରାଜା ଏହି ସ୍ଥାନରେ ପ୍ରଭୁ ବିଷ୍ଣୁଙ୍କୁ ସମର୍ପିତ ଏକ ଭବ୍ୟ ମନ୍ଦିର ନିର୍ମାଣ କଲେ, ଆଉ ତାହାର ନାମ ଦେଲେ ସହସ୍ର ବାହୁ ମନ୍ଦିର। ପରବର୍ତ୍ତୀ ସମୟରେ ରାଜାଙ୍କର ପୁଅ ବିବାହ କରି ଘରକୁ ଯେବେ ନୂଆ ବୋହୂ ଆଣିଲେ, ସେହି ନବବଧୂ ଭଗବାନ ଶିବଙ୍କୁ ନିଷ୍ଠାର ସହ ପୂଜା କରୁଥିଲେ। ଆଉ ବୋହୂଙ୍କର ଖୁସି ପାଇଁ ରାଜା ନିଜ ପତ୍ନୀଙ୍କ ପାଇଁ ଯେଉଁ ମନ୍ଦିର ଗଢିଥିଲେ ସେହି ମନ୍ଦିରର କିଛି ପରିସରରେ ଭଗବାନ ଶିବଙ୍କୁ ସମର୍ପିତ ଆଉ ଏକ ମନ୍ଦିର ଗଢି ଦେଇଥିଲେ। ଖାସ୍ ସେଇଥିପାଇଁ ଅନେକେ ଏହି ମନ୍ଦିରକୁ ଶାଶ୍-ବହୂ ମନ୍ଦିର ବୋଲି ମଧ୍ୟ ସମ୍ବୋଧନ କରିଥାନ୍ତି। ପ୍ରକୃତପକ୍ଷେ ଏଠାରେ କେହି ଶାଶୁ ବୋହୂ ପୂଜା ପାଆନ୍ତି ନାହିଁ ବରଂ ଶାଶୁବୋହୂଙ୍କର ଆରାଧ୍ୟ ଦେବତାଙ୍କୁ ଏଠାରେ ପୂଜା କରାଯାଉଥିବାରୁ ଖୁସିରେ ଅନେକେ ଏହି ମନ୍ଦିରକୁ ଏମିତି ସମ୍ବୋଧନ କରିଥାନ୍ତି।

### ମନ୍ଦିରର ବାସ୍ତୁକଳା

ପରବର୍ତ୍ତୀ ସମୟରେ ଏହି ମନ୍ଦିରର ପରିସର ଭିତରେ ଆହୁରି ଅନେକ ଛୋଟ ଛୋଟ ମନ୍ଦିର ମଧ୍ୟ ଗଢି ଉଠିଥିଲା। ଆଉ ସେହି ମନ୍ଦିର ଗୁଡ଼ିକରେ ବିଭିନ୍ନ ଦେବୀଦେବତାଙ୍କୁ ମଧ୍ୟ ପୂଜା କରାଯିବାର ବ୍ୟବସ୍ଥା କରାଯାଇଥିଲା। ତେବେ ସେ ଯାହା ବି ହେଉ ଆକର୍ଷଣୀୟ ବାସ୍ତୁକଳାରେ ଗଢି ଉଠିଥିବା ଏହି ମନ୍ଦିରଗୁଡ଼ିକର ଅପରୂପ ସୌନ୍ଦର୍ଯ୍ୟ କାହାକୁ ବି ଆକର୍ଷିତ କରିପାରେ। ଖାସ୍ ସେଥିପାଇଁ ତ ଟିକେ ଶାନ୍ତି ପାଇବା ଆଶାରେ ଏଠାକୁ ବିଭିନ୍ନ ସ୍ଥାନରୁ ଭକ୍ତଗଣ ଧାଇଁ ଆସିଥାନ୍ତି।

### କେବେ ଓ କେମିତି ଯିବେ


ବର୍ଷର ସବୁ ସମୟରେ ଏଠାକୁ ବୁଲି ଯିବାର ସୁବିଧା ଥିଲେ ହେଁ, ଖାସ୍ କରି ବିଭିନ୍ନ ପର୍ବପର୍ବାଣୀ ସମୟରେ ଏଠାକୁ ବୁଲିଗଲେ କିଛିଟା ନିଆରା ଆକର୍ଷଣ ଦେଖିବାକୁ ମିଳିଥାଏ। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। ପର୍ଯ୍ୟଟକଙ୍କୁ ପ୍ରଥମେ ଉଦୟପୁରରେ ପହଁଞ୍ଚି ସେଠାରୁ ସୁବିଧାରେ ଏହି ମନ୍ଦିର ନିକଟକୁ ଯିବାକୁ ହୋଇଥାଏ।

### କିଛି ଜାଣିବା କଥା

* ଶ୍ରଦ୍ଧାଳୁଙ୍କ ଦର୍ଶନ ନିମନ୍ତେ ମନ୍ଦିରଟି ସକାଳ ୫ଟାରୁ ମଧ୍ୟାହ୍ନ ୧୨ ଏବଂ ଅପରାହ୍ନ ୪ଟାରୁ ରାତି ୯ଟା ଯାଏଁ ଖୋଲା ରହିଥାଏ।
* ଏଠାକୁ ପ୍ରବେଶ କରିବା ପାଇଁ କୌଣସି ଶୁଳ୍କ ଦେବାକୁ ପଡେ ନାହିଁ।
* ତେବେ ଏହି ମନ୍ଦିର ନିକଟରେ ଆହୁରି ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଯେମିତିକି ଅନେକ ପ୍ରସିଦ୍ଧ ଦୁର୍ଗ, ଧାର୍ମିକ ପୀଠ, ପାର୍କ ଆଦି ବି ରହିଛି। ପର୍ଯ୍ୟଟକ ଚାହିଁଲେ ଏହି ସବୁ ସ୍ଥାନକୁ ବୁଲିଯାଇ କିଛିଟା ନିଆରା ଅନୁଭୂତି ସାଉଁଟିପାରିବେ।
* ଏଠାକାର ସାତ୍ତ୍ୱିକ ଭୋଜନ ବି ବେଶ୍ ମନଲୋଭା ହୋଇଥାଏ। ଖାସ୍‌କରି କଚୋରୀ ଚାଟ୍ ହେଉଛି ଏଠାକାର ଏକ ପ୍ରସିଦ୍ଧ ଖାଦ୍ୟ ; ଯାହାର ସ୍ୱାଦ ବେଶ୍ ନିଆରା ଲାଗେ।
* ସବୁଠୁ ବଡ଼ କଥା ହେଉଛି, ରାଜସ୍ଥାନୀ ପୋଷାକର ଏଠାରେ ଭଲ ଚାହିଦା ରହିଥାଏ। ପର୍ଯ୍ୟଟକ ଚାହିଁଲେ ସୁଲଭ ଦରରେ ଏହାକୁ କିଣି ଆଣିପାରିବେ।



# କାଓବୟ



**ମୁଣ୍ଡରେ ହ୍ୟାଟ, ପାଦରେ ବୁଟ୍ସ ତା'ସହିତ ଡେନିମ ଜିନ୍ସ ଓ ଶାର୍ଟ । ପୂରା ରଫ୍ ଆଣ୍ଡ ଟଫ୍ ଲୁକ୍‌ରେ ଘୋଡ଼ା ଉପରେ ବସି ଦିନେ ଏମାନେ କରୁଥିଲେ ପଶୁଙ୍କୁ ଚରାଇବା କାମ। ଆଉ ପରିଚିତ ଥିଲେ 'କାଓବୟ' ଭାବେ...**

ଫାର୍ମରେ ପଶୁଙ୍କ ଜଗୁଆଳି କାମ କରୁଥିବା ବ୍ୟକ୍ତିଙ୍କୁ ସାଧାରଣତଃ କାଓବୟ କୁହାଯାଏ । ହେଲେ ପାଶ୍ଚାତ୍ୟ ଚଳଚ୍ଚିତ୍ର, ଉପନ୍ୟାସ ଓ କାହାଣୀରେ କାଓବୟଙ୍କୁ ଏକ ଫ୍ୟାଶନେବଲ, ଧନୀ ଚରିତ୍ରଭାବେ ଦେଖାଯାଇଛି । କିନ୍ତୁ ପ୍ରକୃତରେ ଏହି କାଓବୟମାନେ ଥିଲେ ବହୁତ ଗରିବ । କମ୍ ବେତନରେ ସେମାନେ କାମ କରୁଥିଲେ । ଇତିହାସ କହେ, କାଓବୟ ପରମ୍ପରାର ଆରମ୍ଭ ସ୍ପେନରୁ ହୋଇଥିଲା । ମଧ୍ୟଯୁଗୀୟ ସ୍ପେନର ହେସିଣ୍ଡା ତଥା ବଡ଼ ଜମିଦାରି ପ୍ରଥା ସହ ଏହାର ଆରମ୍ଭ ହୋଇଥିଲା ।  ପରେ ଏହି ଶୈଳୀର ପଶୁପାଳନ ଆଇବେରିଆର ପ୍ରାୟ ଦ୍ୱୀପ  ଓ ଆମେରିକାକୁ ଆସିଥିବା କୁହାଯାଏ । ଷୋଡ଼ଷ ଶତାବ୍ଦୀରୁ ଏହା ଆରମ୍ଭ ହୋଇଥିବା ଅନୁମାନ କରାଯାଏ । ଇଂଲିଶ ଶବ୍ଦ 'କାଓବୟ', ସ୍ପାନିଶ ଶବ୍ଦ 'ଭ୍ୱାକେରୋ'ରୁ ଉଦ୍ଧୃତ । ଭ୍ୱାକେରୋର ଅର୍ଥ ହେଉଛି ଜଣେ ବ୍ୟକ୍ତି ଯେକି ଘୋଡ଼ା ପିଠିରେ ବସି ଗୃହପାଳିତ ପଶୁଙ୍କୁ ନିୟନ୍ତ୍ରଣରେ ରଖି ଚରାଏ । ଏହି କାଓବୟ ପରମ୍ପରା ୧୮୬୫ରୁ ୧୮୯୫ ପର୍ଯ୍ୟନ୍ତ ଥିଲା । ଘୋଡା ଚଳାଉଥିଲେ ହେଁ ପଶୁ ପାଳନ ତଥା ପଶୁଙ୍କୁ ଚରାଇବା କାମ କରୁଥିବାରୁ ସେମାନଙ୍କୁ 'କାଓବୟ' କୁହାଯାଉଥିଲା ।

ସିଭିଲ ୱାର ପରେ ପ୍ରାୟ ଅଧିକାଂଶ ସୈନ୍ୟ କାଓବୟ ଭାବେ କାମ କରୁଥିଲେ । କାରଣ ଯୁଦ୍ଧ ସରିବା ପରେ ସେମାନେ ଯେବେ ଘରକୁ ଫେରିଲେ ଅର୍ଥନୈତିକ ସହ ନିଯୁକ୍ତି ବଜାର ଯୁଦ୍ଧ ମାନ୍ଦାବସ୍ଥାରେ ଚାଲିଥିଲା । ସେତେବେଳେ ସେମାନେ ଦେଖିଲେ ମିଲିଟାରୀରେ ସେମାନେ ଯେଉଁସବୁ କ୍ୱାଲିଟି ଯେମିତିକି ହର୍ଷମ୍ୟାନଶିପ, ଶୁଟିଂ, ଡିସିପ୍ଲିନ ଆଦି ଶିଖିଥିଲେ ସେସବୁ କ୍ୱାଲିଟି କାଓବୟ କାମରେ ଅଛି । ତେଣୁ ଏହି କାମ କରିବାକୁ ସେମାନେ ବାଛିଥିଲେ । ଏହାବାଦ ଯେଉଁମାନେ କ୍ରୀତଦାସ, ଗରିବ ଚାଷୀ ଥିଲେ ସେମାନେ ବି କାଓବୟ ଭାବେ କାମ କରୁଥିଲେ ।

କାଓବୟଙ୍କ ପାରିଶ୍ରମିକ ବହୁତ କମ୍ ଥିଲା । ତଥାପି ଏହି କାମକୁ ସେମାନେ ଭଲ ପାଉଥିବାରୁ ବହୁତ ମନଧ୍ୟାନ ଦେଇ କରୁଥିଲେ ।

କାଓବୟମାନେ ନିଜର ଏକ ସ୍ୱତନ୍ତ୍ର ଷ୍ଟାଇଲ୍ କରିଥିଲେ । ଯେଉଁଥିରେ ସେମାନେ ଡେନିମ୍, ବୁଟ, ହ୍ୟାଟ ଆଦି ପିନ୍ଧୁଥିଲେ । ତାଙ୍କ ଲୁକ୍ ବହୁତ ଷ୍ଟାଇଲିଶ ଲାଗୁଥିଲା । ହେଲେ ଏମାନେ ବହୁତ କମ୍ ଗାଧୋଉଥିଲେ ।

ଡେଭି କ୍ରୋକେଟ, ୱାଇଲ୍ଡ ବିଲ୍ ହିକକ୍, ୱାଟ ୟର୍ପ ହେଉଛନ୍ତି ଇତିହାସର ପ୍ରସିଦ୍ଧ କାଓବୟ ।





# ନିଡିଲ୍‌ମ୍ୟାନ୍

ଛୁଞ୍ଚି ଫୋଡି ହୋଇଗଲେ କେତେ କଷ୍ଟ ହୁଏ ତାହା ସମସ୍ତେ ଜାଣନ୍ତି। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ଜଣେ ବ୍ୟକ୍ତି ନିଜ ଚେହେରା ଓ ମୁଣ୍ଡରେ ହଜାର ହଜାର ଛୁଞ୍ଚି ଫୋଡି ରେକର୍ଡ କରିଛନ୍ତି। ସେ ହେଉଛନ୍ତି ଚାଇନାର ୱେଇ ଶେଙ୍ଗଚୁ। ସେ ୨୧୮୮ଟି ଛୁଞ୍ଚି ନିଜ ମୁଣ୍ଡ ଓ ଚେହେରାରେ ଫୋଡ଼ିଥିଲେ। ସେ ପୁଣି ପଲକ ନ ପକାଇ ଗୋଟେ ପରେ ଗୋଟେ ଛୁଞ୍ଚି ଫୋଡିଥିଲେ। ଶେଷରେ ଛୁଞ୍ଚିମୟ ତାଙ୍କ ଚେହେରା ଦେଖାଯାଉଥିଲା ବେଶ୍ ଅଜବ। ହେଲେ ତାଙ୍କ ଚେହେରାରେ ନ ଥିଲା କଷ୍ଟର ଟିକେ ବି ଛାପ। ୱେଇ ପୂର୍ବରୁ ବହୁତ ଥର ଏମିତି ଚେହେରାରେ ଛୁଞ୍ଚି ଫୋଡ଼ି ରେକର୍ଡ କରିଛନ୍ତି। ଆଉ ଯିଏ ତାଙ୍କ ରେକର୍ଡ ଭାଙ୍ଗିଛି ସେ ପୁଣିଥରେ ତା'ଠୁ ଅଧିକ ଛୁଞ୍ଚି ଫୋଡ଼ି ସେହି ରେକର୍ଡ ଭାଙ୍ଗିଛନ୍ତି।



## ଚିନ୍ମୟ ଚିନ୍ତନ

**ଶ୍ରୀ ସନ୍ୟାସୀ ଜୀ**

# ଧନକୁ ଠୁଳ କରି ରଖନା, ବାଣ୍ଟିଦିଅ

ନିର୍ମାଣାଧୀନ ଇଟା କାନ୍ଥରେ ପାଇପ ସାହାଯ୍ୟରେ ପାଣି ଦେଉଥିବା ବେଳେ ଶର୍ମା ବାବୁଙ୍କୁ ପଚାରିଲି – ମଉସା ! ଏ ବୟସରେ ଆପଣ ନୂଆ ଘର କରୁଛନ୍ତି ! ଆପଣଙ୍କର ତ ଏଠି ରହିବାକୁ କେହି ନାହାଁନ୍ତି ଏତେ ପଇସା ଖର୍ଚ୍ଚ କରି ଘର କରିବା କ'ଣ ଆବଶ୍ୟକତା ଥିଲା ? ଉତ୍ତର ଥିଲା– ନାଇଁମ, ରିଟାୟାର୍ଡମେଣ୍ଟ ପରେ ଯୋଉ ଟଙ୍କାତକ ମିଳିଥିଲା ଭାବିଲି ତାକୁ ନେଇ ଆଉ କ'ଣ କରିବି ! ଘର କିଛି କରିଦେଉଛି । ଭଡାରେ ଲାଗିଲେ ଛୁଆ କିଛି ପଇସା ହେଲେ ପାଇଯିବେ ।

ଶର୍ମା ବାବୁଙ୍କ ବିଚାରଧାରାକୁ ଦେଖି ହସ ଲାଗିଲା ଓ ଦୁଃଖ ବି ଲାଗିଲା । ଏଇ କିଛି ମାସ ହେଲା କେନ୍ଦ୍ର ସରକାରଙ୍କ ବିଭାଗର ଏକ ବଡ଼ ପଦବୀରୁ ଅବସର ନେଇଛନ୍ତି ସେ । ତିନି ପୁଅ । ସମସ୍ତେ ବିଦେଶରେ ରୁହନ୍ତି । ଜଣେ ଡାକ୍ତର, ଜଣେ ଚାଟାର୍ଡ଼ ଆକାଉଟାଣ୍ଟ, ଆଉ ଜଣେ ଆମେରିକାର କୌଣସି ଏକ କମ୍ପାନୀର ମୁଖ୍ୟ ଅଛି । ଗୋଟିଏ ଝିଅ । ସେ ରୁହେ ସିଙ୍ଗାପୁରରେ । ଝିଅ ଜ୍ୱାଇଁ ଉଭୟ ଉଚ୍ଚ ବେତନପ୍ରାପ୍ତ ଚାକିରିଆ । ଏବେ ଶର୍ମା ବାବୁ ଯୋଉ ଘରେ ରହୁଛନ୍ତି, ସକାଳୁ ସେ ଘର ଓଳାଇବା ପାଇଁ ବି ଲୋକ ନାହାନ୍ତି । ଶର୍ମା ବାବୁଙ୍କ ସ୍ତ୍ରୀ ଦୁଇ ବର୍ଷ ହେଲାଣି ସେ ପୁରକୁ ଚାଲିଗଲେଣି । ସକାଳ ସଞ୍ଜେ ହୋଟେଲରୁ କିଣି କିମ୍ବା ଘରେ ଅତି କଷ୍ଟରେ ଆଳୁ ଚକଟା ଓ ଭାତ ଖାଉଥିବା ଶର୍ମା ବାବୁ ଏବେ ଅବସର ପରେ ପାଖାପାଖି ଦୁଇ କୋଟି ଟଙ୍କା ପାଇଛନ୍ତି । ତା' ସହିତ ପେନ୍‌ସନ ବାବଦରେ ମାସକୁ ସେ ଲକ୍ଷେରୁ ଊର୍ଦ୍ଧ୍ୱ ଟଙ୍କା ପାଇବେ ବୋଲି କୁହନ୍ତି । ଏବେ ସେ ଯୋଉ ଘର ତିଆରି କରୁଛନ୍ତି ସେ ଘରକୁ ଦେଖିବା ପାଇଁ ଆସିବାକୁ ବି ପୁଅ ଝିଅଙ୍କ ସମୟ ନାହିଁ । ଘର ଭଡାରୁ ଆଦାୟ ହେବାକୁ ଥିବା ଅର୍ଥ ମଧ୍ୟ ପୁଅ ଝିଅଙ୍କ ଦରକାର ହୋଇ ନ ପାରେ କିନ୍ତୁ ଶର୍ମା ବାବୁ ଅକାରଣରେ ଏ ବୃଦ୍ଧ ବୟସରେ ଘର ତୋଳି ଚାଲିଛନ୍ତି ।

ପାଠକେ ! ଧନ ଉପାର୍ଜନ ପାଇଁ ଯେତିକି ବୁଦ୍ଧି, ଜ୍ଞାନ ଆଉ ଅଭିଜ୍ଞତାର ଆବଶ୍ୟକ ପଡେ, ତାହାର ସୁବିନିଯୋଗ ପାଇଁ ଦ୍ୱିଗୁଣ ବିଦବତ୍ତାର ଆବଶ୍ୟକ ଅଛି । ଏହାକୁ ସମସ୍ତେ ଜାଣନ୍ତିନି ବୋଲି ଧନର ସୁବିନିଯୋଗ କରିପାରନ୍ତି ନାହିଁ । ଶର୍ମାବାବୁଙ୍କ ପରି ଯେଉଁମାନଙ୍କ ପାଖରେ ଅର୍ଥର ଆଧିକ୍ୟ ଅଛି ସେମାନେ ନିଜର ଅଧିକା ଅର୍ଥକୁ ଏମିତି ଢଙ୍ଗରେ ବିନିଯୋଗ କରନ୍ତି ଯାହାର କିଛି ଅର୍ଥ ନ ଥାଏ । ଆମେ ପାଠଶାଠ ପଢି ଚାକିରୀ କଲେ । ବିଭା ହେଲେ । ଘର ଦ୍ୱାର କରି ପିଲାଛୁଆଙ୍କୁ ଶିକ୍ଷିତ କରାଇ ସେମାନଙ୍କୁ ସ୍ୱାବଲମ୍ବନଶୀଳ ଏବଂ ପ୍ରତିଷ୍ଠାପୂର୍ଣ୍ଣ ଜୀବନ ବଂଚିବାରେ ବାପା ହିସାବରେ ସମସ୍ତ କାର୍ଯ୍ୟ କରି ସାରିବା ପରେ ଆଉ ଅଧିକ ପରିବାର ପାଇଁ କ'ଣ କରିବାର ଅଛି ଯେ ? ଏବେ ପାଳି ହେଉଛି ସଂସାର ପାଇଁ, ସମାଜ ପାଇଁ, ପୃଥିବୀ ପାଇଁ କିଛି କରିବାର ବେଳ । ଜୀବନରେ ଆମେ ଯାହା ବି ପାଇଛୁ ଏଇ ସମାଜରୁ ହିଁ ପାଇଛୁ । ଏଇ ପୃଥିବୀ ହିଁ ଆମକୁ ସବୁ ଦେଇଛି । ଯଦି ପୃଥିବୀ ନ ଥାନ୍ତା, ବାୟୁ, ଜଳ, ଆକାଶ, ଅଗ୍ନି ନ ଥାନ୍ତେ, ତେବେ କେମିତି ଆମେ ନିଃଶ୍ୱାସ ନେଇଥାନ୍ତୁ, କ'ଣ ପିଇଥାନ୍ତୁ, କାହା ଉପରେ ଘର କରି ରହିଥାନ୍ତୁ – ଏକଥା କେହି ଚିନ୍ତା କରିଛନ୍ତି କି ? ଯଦି ସମାଜ ନ ଥାନ୍ତା ତେବେ ଆମେ କେତେ ଅସୁବିଧାରେ ପଡନ୍ତୁ ବୋଲି କେହି ଚିନ୍ତା କରିଛନ୍ତି କି ? ଜନ୍ମ ହେଉ ହେଉ ରୋଗବ୍ୟାଧି ଧରିଲା । ଦୌଡିଲୁ ଡାକ୍ତର ପାଖକୁ । ଯଦି ଡାକ୍ତର ନ ଥାନ୍ତେ କ'ଣ କରିଥାନ୍ତୁ ? ମରିଥାନ୍ତୁ । କେବଳ ଡାକ୍ତର ନୁହେଁ, ବାରିକ ଠାରୁ ଆରମ୍ଭ କରି ଦୋକାନୀ, ମୁଲିଆ, କଳାକାର, ଓକିଲ, ପୂଜକ ଓ ସଫେଇ କର୍ମଚାରୀ ପର୍ଯ୍ୟନ୍ତ ଆମେ ସମସ୍ତଙ୍କ ଉପରେ ନିର୍ଭରଶୀଳ । ସମାଜରେ ଥିବା ଏଇ ଏଇ ବ୍ୟକ୍ତି ମାନଙ୍କ ବ୍ୟତିରେକେ ଆମ ଜୀବନ ଗାଡି ଚାଲି ନ ଥାନ୍ତା । ତେବେ ଏମାନଙ୍କ ପାଇଁ କ'ଣ ଆମର କିଛି କର୍ତ୍ତବ୍ୟ ନାହିଁ ? ଜନ୍ମ ଠାରୁ ମଲା ପର୍ଯ୍ୟନ୍ତ କ'ଣ ଆମେ କେବଳ ନିଜ ପରିବାରର ସୁଖ ଆଉ ସ୍ୱାର୍ଥ ପାଇଁ କାମ କରି କରି ମରିବା ? ଆବଶ୍ୟକତା ନ ଥିଲେ ବି ରୋଜଗାରକ୍ଷମ ପୁଅ ଝିଅ ମାନଙ୍କୁ ଯାଚି ଗୁଂଜି ପଇସା ଦେଉଥିବା ? ଅନାବଶ୍ୟକ ଭାବେ କାର୍ ପରେ କାର୍, ଘର ପରେ ଘର, ଜମି ପରେ ଜମି ଏମିତି କିଣି ଚାଲିଥିବା ? ଶର୍ମା ବାବୁ ଏକୁଟିଆ ନୁହେଁ, ତାଙ୍କ ପରି ବହୁ ଧନାଢ୍ୟ ଲୋକ ସମାଜରେ ଅଛନ୍ତି ଯେଉଁମାନେ କେବଳ ନିଜ କଥା ନିଜ ପରିବାର କଥା ଚିନ୍ତା କରନ୍ତି । ନିଜ ପଡିଶା ଲୋକ ଝୁମ୍ପୁଡ଼ି ଘରେ ରହୁ, ଖାଇବାକୁ ନ ପାଉ କି ମୂଲ ଲାଗି ଚଳୁଥିବା ମିଶ୍ର ବାବୁଙ୍କ ମେଧାବୀ ପୁଅଟି ଅର୍ଥାଭାବରୁ କଲେଜରେ ନାମ ଲେଖାଇ ନପାରୁ ଏମିତି କେତେ ଅଭାବୀ ଦୃଶ୍ୟ ଆଖିରେ ପଡୁଥିଲେ ବି ସେମାନେ ନିଦାବିଷ୍ଟ ବା ନିଜେ ବଞ୍ଚିଲେ ବାପର ନାଁର ଦ୍ୱାହି ଦେଇ ବାଟଚାଲନ୍ତି ।



ଆବଶ୍ୟକତା ଠାରୁ ଅଧିକ ଧନ ଥିବା ଶର୍ମା ବାବୁଙ୍କ ପରି ବାବୁମାନେ କଥାଟିଏ କାନ ଖୋଲି ଶୁଣି ରଖନ୍ତୁ – ଯେଉଁ ଧନକୁ ସାମାଜିକ ସେବାରେ ନ ଲଗାଇ ଗଚ୍ଛିତ କରି ରଖିଛନ୍ତି, ସେ ଧନର ଆପଣ ମାଲିକ ବୋଲି ଭାବୁଛନ୍ତି କି ? ଭୁଲି ଯାଆନ୍ତୁ ସେ କଥା । ଆପଣ ସେ ଧନର ମାଲିକ ନୁହଁନ୍ତି, ମାର୍ଫତଦାର ଅଟନ୍ତି । ଧନ, ଗୋ, ଭୂମି ଆଦି ଭାଗ୍ୟରେ ଥିଲେ ମିଳେ ବୋଲି ମହତ ଜନମାନେ କହିଛନ୍ତି । ଈଶ୍ୱରଙ୍କ କୃପାରୁ ଆପଣଙ୍କୁ ସେତକ ଧନ ପ୍ରାପ୍ତ ହୋଇଛି । ଆପଣ ଯଦି ନିଜ ଯୋଗ୍ୟତା ବଳରେ ଧନ ପାଇଛନ୍ତି ବୋଲି ଭାବୁଥିବେ ତେବେ ସେ ଧାରଣା ସମ୍ପୂର୍ଣ୍ଣ ଭୁଲ । କାରଣ ଆପଣଙ୍କ ପରି ସମାନ ଜ୍ଞାନ ଓ ଅଭିଜ୍ଞତା ଥିବା ବହୁ ଲୋକ ବି ସମାଜରେ ଅଛନ୍ତି ଯେଉଁମାନେ ଆପଣଙ୍କ ପଦବୀ ବା ସ୍ଥାନ ପର୍ଯ୍ୟନ୍ତ ଯାଇ ପାରିଥାନ୍ତେ । କିନ୍ତୁ ନା, ଈଶ୍ୱର ହିଁ ଆପଣଙ୍କୁ ସେ ପଦବୀ ପର୍ଯ୍ୟନ୍ତ ନେଲେ ଏବଂ ଏତେଗୁଡିଏ ଧନ ସମ୍ପତ୍ତି ଆପଣଙ୍କ ହାତରେ ଅଜାଡିଦେଲେ । କ'ଣ ନିଜ ଖର୍ଚ୍ଚ ପାଇଁ ? ନା, ନିଜ ପାଇଁ ନିଜ ପରିବାର ପାଇଁ ଖର୍ଚ୍ଚ କରିବେ । ବଳକା ଧନକୁ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ ସୃଷ୍ଟିର ମଙ୍ଗଳ ପାଇଁ ଖର୍ଚ୍ଚ କଲେ ସେ ଖୁସି ହେବେ । ଏହା ହିଁ ଦିବ୍ୟ ଜ୍ଞାନ । ଏ ଜ୍ଞାନ ଉଦୟ ହେଲେ ହିଁ ଭଗବାନ ଖୁସି ହେବେ । ସେଥିପାଇଁ ଭାଗବତ କହିଲେ – ମନୁଷ୍ୟ ଦେହେ ଦିବ୍ୟଜ୍ଞାନ । ଦେଖି ସନ୍ତୋଷ ଭଗବାନ । ଆପଣ ଯଦି ଧନକୁ ନିଜର ବୋଲି ଭାବି ମୁଠେଇ ବସିବେ ତେବେ ଦଣ୍ଡ ସୁନିଶ୍ଚିତ । କି ପ୍ରକାରର ଦଣ୍ଡ ମିଳେ ସେ ବିଷୟରେ ପରେ କେବେ କହିବି । ସମାଜରେ ଅନେକ ମହାନୁଭବ ଅଛନ୍ତି ଯେଉଁମାନେ ନିଜେ ଅଭାବରେ ଅସୁବିଧାରେ ଚଳି ଓ ପରିବାରର ଭବିଷ୍ୟତକୁ ପଛରେ ପକାଇ ଅନ୍ୟମାନଙ୍କୁ ସାହାଯ୍ୟ କରନ୍ତି । ସେମାନଙ୍କୁ କୋଟି ନମସ୍କାର ଜଣାଉଛି ଯେ ଲେଖକ । ସେମାନଙ୍କ ସ୍ତ୍ରୀ ପିଲାଛୁଆମାନଙ୍କୁ ପରାମର୍ଶ, ବିଶ୍ୱାସ ରଖନ୍ତୁ ସମାଜକୁ ଦୟା ଦେଖାଇଲେ ପ୍ରଭୁକୃପା କରିବେ । କିଛି ଅସୁବିଧା ହେବନି । କିନ୍ତୁ ଯେଉଁମାନେ ଧନକୁ ଜାବୁଡି ଧରି ବସିଛନ୍ତି, ବ୍ୟାଙ୍କରେ ପୁଳା ପୁଳା ଟଙ୍କା ଜମେଇ ଚାଲିଛନ୍ତି କିମ୍ବା ଅନାବଶ୍ୟକ ଭାବେ ପରିବାର ପାଇଁ ଖର୍ଚ୍ଚ କରି ଚାଲୁଛନ୍ତି, ସେମାନେ ଟିକେ ସମାଜର ଅଭାବୀ, ନିରାଶ୍ରୟ ବର୍ଗଙ୍କ ଉପରେ ଆଖି ପକାନ୍ତୁ । ଗରୀବ ମେଧାବୀଙ୍କୁ ପାଠ ପଢେଇବାରେ, ଛିଣ୍ଡା ପାଲ ତଳେ ରହୁଥିବା ଲୋକଟି ପାଇଁ ଆଜବେଷ୍ଟସ ହେଉ ପଛେ ଘର ଖଣ୍ଡେ ତୋଳି ଦେବାରେ, ଗରୀବ ଝିଅଟିକୁ ବିଭା କରାଇବାରେ ବଦାନ୍ୟତାର ହାତ ଟିକେ ଟେକନ୍ତୁ । ଯେଉଁ ସାମାଜିକ ସଂଗଠନମାନେ ବୃକ୍ଷ ରୋପଣ, ନିଶା ନିବାରଣ, ଗୋ ସେବା ବା ସେହିପରି କିଛି ସାମାଜିକ ସେବା କାର୍ଯ୍ୟରେ ବ୍ରତୀ ଅଛନ୍ତି, ସେମାନଙ୍କୁ ସାହାଯ୍ୟ କରନ୍ତୁ । ଯାହା ଫଳରେ ସେମାନେ ଅଧିକ ସେବା କାର୍ଯ୍ୟ କରିପାରିବେ । ଯେଉଁମାନେ ସମାଜରେ ଆଧ୍ୟାତ୍ମିକତାର ବୀଜ ବପନ କରୁଛନ୍ତି ସେମାନେ ସାଧୁ ସନ୍ଥ ହୁଅନ୍ତୁ ବା ପତ୍ର ପତ୍ରିକା ହେଉ, ସେମାନଙ୍କୁ ସାହାଯ୍ୟ କଲେ ଏହା ସବୁଠାରୁ ବଡ଼ ପୁଣ୍ୟ ବୋଲି ମନେ କରାଯାଇପାରେ । ଯାହା ଅଛି ପାଖରେ ଦିଅନ୍ତୁ । ଧନକୁ ଆଦୌ ଠୁଳ କରି ରଖନ୍ତୁ ନାହିଁ । ସମାଜ ପାଇଁ ଧନକୁ ଦାନ କରି ତାକୁ ପୁଣ୍ୟରେ ପରିଣତ କରନ୍ତୁ, ଯାହା ମୃତ୍ୟୁ ପରେ ଆପଣଙ୍କ ସାଙ୍ଗରେ ହିଁ ଯିବ ଏବଂ ଆପଣଙ୍କୁ ସୁଖ ପ୍ରଦାନ କରିବ । ଜଣେ କୋଟିପତି ବ୍ୟକ୍ତିଙ୍କୁ ଜନୈକ ସନ୍ଥ ପଚାରିଲେ– ଆପଣଙ୍କର ମୋଟ ସମ୍ପତ୍ତି କେତେ ? କୋଟିପତି ଉତ୍ତର ଦେଲେ– ମାତ୍ର ପାଞ୍ଚ ଲକ୍ଷ । ସନ୍ଥ ଆଶ୍ଚର୍ଯ୍ୟ ହେଲେ । ଧନୀକ ବ୍ୟକ୍ତି କହିଲେ– ଆଜ୍ଞା, ମୋ ପାଖରେ କୋଟି କୋଟି ଟଙ୍କା ଅଛି ସତ କିନ୍ତୁ ମୁଁ ଏଇ ପନ୍ଦର ଦିନ ହେଲା ଦାନ ପୁଣ୍ୟ ଆରମ୍ଭ କରି ପ୍ରାୟ ପାଞ୍ଚ ଲକ୍ଷ ଟଙ୍କା ଖର୍ଚ୍ଚ କରିଛି । ତେଣୁ ପ୍ରକୃତରେ ମୋର ସମ୍ପତ୍ତି ହେଉଛି ସେତିକି । ସନ୍ଥ ଖୁସି ହେଲେ ।

–ପ୍ରିନ୍ସିପାଲ, ଆପେକ୍ସ ଆଇ. ଟି. ଆଇ,
ପତ୍ରକଣା, କସର୍ଦା, କଟକ, ମୋ:୯୪୩୭୨୯୨୬୯୮

## ପୁସ୍ତକ ସମୀକ୍ଷା

### ଗାଁ ମୋର କଲ୍ୟାଣପୁର

**ସମ୍ପାଦନା– ତପନ ମହାପାତ୍ର**
**ପ୍ରକାଶକ– ପକ୍ଷୀଘର ପ୍ରକାଶନୀ**
**ଭୁବନେଶ୍ୱର–୧, ମୂଲ୍ୟ–୧୫୦ଟଙ୍କା**

ପୁସ୍ତକଟି କଲ୍ୟାଣପୁର ଗ୍ରାମ ଉପରେ ଲିଖିତ ୧୩ଟି ଲେଖାକୁ ନେଇ ସମ୍ପାଦିତ ହୋଇଛି । ଏଥିରେ ଗ୍ରାମର ବିଭିନ୍ନ ପରମ୍ପରା, ଚଳଣୀ, ସଂସ୍କୃତି ଓ ପର୍ବପର୍ବାଣୀ ଆଦିକୁ ନେଇ ଲେଖାମାନ ସ୍ଥାନିତ ହୋଇଛି । ଖୋର୍ଦ୍ଧାଠାରୁ ମାତ୍ର ୫ କି.ମି. ଦୂରରେ କଲ୍ୟାଣପୁର ଗ୍ରାମ ରହିଛି । ଏଠାରେ ୩୦ ପରିବାର ବାସ କରନ୍ତି । ଗ୍ରାମର ଦୁଇପଟରେ ରହିଛି ମନ୍ଦିର । ଗୋଟିଏ ପଟେ ଶିବ ମନ୍ଦିର ଥିବାବେଳେ ଅନ୍ୟ ପଟେ ବିଷ୍ଣୁ ମନ୍ଦିର ରହିଛି । ଗ୍ରାମବାସୀଙ୍କ ସହଯୋଗରେ ବହୁ ଉନ୍ନତିକର କାର୍ଯ୍ୟ ହେଉଛି ଗ୍ରାମରେ । ଏହାର ଉଦାହରଣ ମଧ୍ୟ ପୁସ୍ତକରେ ରହିଛି । ପ୍ରଗତୀ ପଟ୍ଟନାୟକ ଲେଖିଛନ୍ତି, କିପରି ଶଗଡରେ ସେ ସମୟରେ ସିନେମା ଦେଖି ଯାଉଥିଲେ । ବାସ୍ତବରେ ସେ ଅନୁଭୂତି ଆଉ ଅନୁଭବ ନିଆରା ବୋଲି ତାଙ୍କ ଲେଖାରେ ସେ ସ୍ଥାନ ଦେଇଛନ୍ତି । ପୁସ୍ତକର ଶେଷ ଭାଗରେ କିଛି ସୁଦୃଶ୍ୟ ରଙ୍ଗୀନ ଫଟୋ ରହିଛି ; ଯାହାକି ଗ୍ରାମ ବିଷୟରେ ପାଠକଙ୍କୁ ନିଶ୍ଚୟ ଅନେକ କିଛି ସୂଚନା ଦେବ ।




### ଅଧାରେ ରାଧା

**ରାଧାମୋହନ ମାହାପାତ୍ର, ପ୍ରକାଶିକା–ପ୍ରତିଭା ମହାପାତ୍ର**
**ବୁଦ୍ଧେଶ୍ୱରୀ କଲୋନୀ, ଭୁବନେଶ୍ୱର–୬, ମୂଲ୍ୟ–୪୦୦ଟଙ୍କା**

ଏହା ରାଧାମୋହନ ମହାପାତ୍ରଙ୍କ ଆତ୍ମଜୀବନୀ । ଏଥିରେ ୩୬ଟି ପରିଚ୍ଛେଦ ରହିଛି । 'ପ୍ରଭାମୟୀ ପ୍ରତିଭା' ପାଖରୁ ଆରମ୍ଭ ହୋଇ 'ଅବସର ୩୬' ପରିଚ୍ଛେଦରେ ଶେଷ ହୋଇଛି । ଏଥିରେ ଲେଖକ ମହାପାତ୍ର ଚାକିରି କାଳର ଅନୁଭୂତି, ପାରିବାରିକ କଥା ଏବଂ ଲେଖକ ଜୀବନ ସମ୍ପର୍କରେ ଲେଖିଛନ୍ତି । ଲେଖକ ପଦେ ଶୀର୍ଷକ ଶିରୋନାମାରେ ଲେଖିଛନ୍ତି, ଲେଖନୀ ଧରିବା ପରେ ମୁଁ ଜୀବହତ୍ୟା ସମ୍ପୂର୍ଣ୍ଣ ତ୍ୟାଗ କରି ଶାକାହାରୀ ଜୀବନ ବିତାଉଛି । ମୁଁ ମୋର ଦାମୀ ବନ୍ଧୁକ ଦୁଇଟିକୁ ଲକ୍ଷ୍ମୀସାଗର ଥାନାରେ ସବୁଦିନ ଲାଗି ସମର୍ପଣ କରି ଦେଇଛି । ବନ୍ଧୁକଦ୍ୱୟକୁ ମୁଁ କାହାକୁ ବିକ୍ରୀ କରି ଦେଇପାରିଥାନ୍ତି । କିନ୍ତୁ କେହି ଏହାକୁ ଜୀବହତ୍ୟାରେ ବ୍ୟବହାର ନ କରିବ କିଏ କହିପାରିବ ? ଜୀବେ ଦୟା ଶିବେ ଭକ୍ତି ଉକ୍ତିରେ ମୁଁ ଅନୁରକ୍ତ ।' ଲେଖକ ଯେଉଁ ଅନୁଭୂତି ସମ୍ପନ୍ନ ଆତ୍ମଜୀବନୀ ଲେଖିଛନ୍ତି ତାହା ପାଠକୀୟତା ଲାଭ କରିବ ବୋଲି ଆଶା ।




### ମୂର୍ଚ୍ଛନା

**ସମ୍ପାଦକ ଓ ପ୍ରକାଶକ–ଅଜୟ ମହାନ୍ତି,**
**ବଡ଼ଗଡ଼ କେନାଲ ରୋଡ୍, ଭୁବନେଶ୍ୱର**
**ମୂଲ୍ୟ– ୫୦ଟଙ୍କା**

ଭାରତୀୟ ସଙ୍ଗୀତ, ନୃତ୍ୟ, ନାଟକ ଓ ଯନ୍ତ୍ର ସଙ୍ଗୀତ ଅନୁଷ୍ଠାନର ମୁଖପତ୍ର 'ମୂର୍ଚ୍ଛନା' ପ୍ରକାଶ ପାଇଛି । ଚଳିତ ବର୍ଷର ଏହି ମୁଖପତ୍ରରେ ସ୍ଥାନ ପାଇଛି ନୂତନ ଓ ପ୍ରବୀଣ ଲେଖକଙ୍କ ୪ଟି ଗଳ୍ପ, ୨ଟି ପ୍ରବନ୍ଧ, ୬ଟି କବିତା ଓ ୯ଟି ଗୀତିକବିତା । ଗାଳ୍ପିକ ଦେବଦାସ ଛୋଟରାୟଙ୍କ ଗଳ୍ପ 'କଫି ପାଇଁ ଅପେକ୍ଷା କଲାବେଳେ' ପାଠକଙ୍କ ମନକୁ ଛୁଇଁବ । ସଂଘମିତ୍ରା ମିଶ୍ରଙ୍କ ପ୍ରବନ୍ଧ 'କୁଶଳେ ରୁହନ୍ତୁ ସକଳେ ଭବେ' ପାଠକଙ୍କୁ ଏକ ଭିନ୍ନ ଦିଗକୁ ନେଇଯିବ । ଏଥିସହିତ ଗୀତି କବିତା ବିଭାଗ ଏବର ପାଠକଙ୍କୁ ଭିନ୍ନ ଅନୁଭବ ପରଶିଦେବ । ଏହି ପତ୍ରିକାରେ ସ୍ଥାନ ପାଇଥିବା ଗପ, କବିତାଗୁଡ଼ିକ ପାଠକଙ୍କୁ ବାନ୍ଧି ରଖିବାରେ ସହାୟକ ହେବ ବୋଲି ଆଶା କରାଯାଏ ।



# ଭାବନି ଛୋଟ ପିଲା

କଳା କୋଟ୍ ପିନ୍ଧିଥିବା ଏଇ ଝିଅଟିକୁ ଛୋଟ ପିଲା ଭାବୁଛନ୍ତି କି? ସେ ଭୁଲ୍ କରନ୍ତୁ ନାହିଁ। କାରଣ ଛୋଟ ପିଲା ପରି ଦେଖାଯାଉଥିବା ଏଇ ଝିଅଟି ପେସାରେ ଜଣେ ଓକିଲ। ନାଁ ତାଙ୍କର ହରବିନ୍ଦର କୌର। ଉଚ୍ଚତା ୩ ଫୁଟ ୧୧ ଇଞ୍ଚ। ଛୋଟ ପିଲା ପରି ଉଚ୍ଚତା ସହ ଚେହେରା ବି ଛୋଟ ପିଲା ପରି ହୋଇଥିବାରୁ ପଞ୍ଜାବରେ ରହୁଥିବା ହରବିନ୍ଦର ଯେବେ କୋର୍ଟ ପରିସରରେ କଳା କୋଟ୍ ପିନ୍ଧି ଯାଆନ୍ତି ସମସ୍ତେ ତାଙ୍କୁ ବୁଲି ବୁଲି ଚାହାନ୍ତି। ଅନେକ ଓକିଲ ବି ସନ୍ଦେହରେ ପଡ଼ିଯାଆନ୍ତି। ହେଲେ ଯେବେ ସେ କୋର୍ଟରେ ନିଜ ପକ୍ଷ ରଖନ୍ତି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଆନ୍ତି। ହରବିନ୍ଦର କୁହନ୍ତି, 'ମୁଁ ଯେବେ ଛୋଟ ଥିଲି ଏୟାର ହୋଷ୍ଟେସ୍ ହେବାକୁ ସ୍ୱପ୍ନ ଦେଖୁଥିଲି। ହେଲେ ଉଚ୍ଚତା କମ୍ ଯୋଗୁ ସେ ସ୍ୱପ୍ନ ମୋର ପୂରଣ ହୋଇପାରିଲା ନାହିଁ। ମୋ ମା'ବାପା ମୋ ଉଚ୍ଚତା ବଢାଇବା ଲାଗି ବହୁତ ଡାକ୍ତରଙ୍କ ପାଖକୁ ଯାଇଥିଲେ। ହେଲେ କିଛି ଫଳ ମିଳିଲା ନାହିଁ। କମ୍ ଉଚ୍ଚତା ପାଇଁ ମୋତେ ଅନେକେ ତାଚ୍ଛଲ୍ୟ ବି କରୁଥିଲେ। ଫଳରେ ମୁଁ ଅବସାଦଗ୍ରସ୍ତ ହୋଇଯାଇଥିଲି। ବିଭିନ୍ନ ମୋଟିଭେଶନାଲ ଭିଡିଓ ଦେଖି ଓ ପରିବାରର ସହଯୋଗରେ ନିଜକୁ ସମ୍ଭାଳିଥିଲି। ଯେବେ ମୁଁ ଓକିଲାତି କରିବାକୁ ନିଷ୍ପତ୍ତି ନେଲି ସେତେବେଳେ ବି ଅନେକେ ମୋତେ ତାଚ୍ଛଲ୍ୟ କରି ଅନେକ କଥା କହିଥିଲେ। ସେ ସମୟରେ ବି ନିଜକୁ ସମ୍ଭାଳି ଥିଲି। ଭାବିଲି ଭଗବାନ୍ ମୋତେ କମ୍ ଉଚ୍ଚତା ଦେଇଛନ୍ତି। ତା'ପଛରେ କିଛି କାରଣ ନିଶ୍ଚୟ ଲୁଚିରହିଥିବ। କିଛି ଉଦ୍ଦେଶ୍ୟ ମଧ୍ୟ ନିହିତ ଥିବ। ସେଥିପାଇଁ କାହାରି କଥା ପ୍ରତି ଗୁରୁତ୍ୱ ନ ଦେଇ ମୁଁ ଓକିଲାତି କଲି।' ଏବେ ହରବିନ୍ଦର ଭାରତର ସବୁଠୁ କମ୍ ଉଚ୍ଚତାର ଓକିଲ ଭାବେ ପରିଚିତ।



ବ୍ୟାକ୍ ପେଜ୍

# ସାଇକେଲ ନା ତାଳଗଛ




ରାସ୍ତାଘାଟରେ ଅନେକ ସାଇକେଲ ଯାଉଥିବା ଦେଖୁଥିବେ। ହେଲେ ଏଇ ସାଇକେଲ ଯେବେ ରାସ୍ତାରେ ଗଡ଼ିଥିଲା ସମସ୍ତେ ଆଶ୍ଚର୍ଯ୍ୟ ଚକିତ ହୋଇଯାଇଥିଲେ। ଏହାର ଚାଳକକୁ ଦେଖିବା ପାଇଁ ତ ଲୋକଙ୍କୁ ଉପରକୁ ଅନାଇ ଅନାଇ ବେକ କାଟିଥିବ। ଭାବୁଥିବେ ଇଏ ପୁଣି କେଉଁ ପ୍ରକାରର ସାଇକେଲ? କହି ରଖୁଛୁ ଏହା ହେଉଛି ପୃଥିବୀର ସବୁଠାରୁ ଉଚ୍ଚା ସାଇକେଲ, ଯାହାର ଉଚ୍ଚତା ୨୫ ଫୁଟ୍ ୫ ଇଞ୍ଚ। ଫ୍ରାନ୍ସର ଦୁଇଜଣ ସାଇକେଲ ପ୍ରିୟ ମଣିଷ ନିକୋଲାସ ବାରିଓଜ ଏବଂ ଡେଭିଡ ପେରୁ ଏହାକୁ ତିଆରି କରିଛନ୍ତି। ସେମାନଙ୍କୁ ଏହି ସାଇକେଲ ତିଆରି କରିବା ପାଇଁ ଦୁଇ ବର୍ଷ ସମୟ ଲାଗିଥିଲା। ଆଲୋୟ, ଷ୍ଟିଲ ଓ କାଠରେ ତିଆରି ଉକ୍ତ ସାଇକେଲର ଏକ ସିଟ, ଦୁଇଟି ଷ୍ଟାଣ୍ଡାର୍ଡ ସାଇଜ୍‌ର ଚକ, ଦୁଇଟି ବ୍ରେକ୍ ଲିଭର ସହ ଗୋଟିଏ ହ୍ୟାଣ୍ଡେଲ ବାର୍ ଅଛି। ଚକ ଓ ସିଟ୍ ଭିତରର ଦୂରତା ସାତ ମିଟର। ସବୁଠୁ କୌତୂହଳର କଥା ହେଉଛି ଏହାକୁ ଚଲାଇବା ସମ୍ଭବ। ଆଉ ଏହାକୁ ପ୍ରମାଣିତ କରିବାକୁ ଯାଇ ଡେଭିଡ ଏକ ବାଇ ସାଇକେଲ ଫେଷ୍ଟିଭାଲରେ ଉକ୍ତ ସାଇକେଲକୁ ଚଲାଇଥିଲେ। ତେବେ ନିୟନ୍ତ୍ରଣ ରକ୍ଷା କରି ଏତେ ଉଚ୍ଚା ସାଇକେଲକୁ ଚଳାଇବା ଏତେଟା ସହଜ ନ ଥିଲା। ନିଜର ନିରାପତ୍ତା



ପାଇଁ ସେ ହାରନେସ୍ ପିନ୍ଧିଥିଲେ ଯାହାକି ଏକ ଜିପ ୱେର ସହ ସଂଯୁକ୍ତ ହୋଇଥିଲା। ପ୍ରଥମେ ସାଇକେଲକୁ ନିୟନ୍ତ୍ରଣ ରଖି ଗଡ଼ାଇବା ଥିଲା କାଠିକର ପାଠ। ଆଉ ଥରେ ଯେମିତି ସେ ପ୍ୟାଡେଲ ମାରି ସାଇକେଲକୁ ଗଡ଼ାଇଦେଲେ, ପରେ ସାଇକେଲ ଆରାମରେ ଗଡ଼ିଥିଲା। ଆଉ ସେ ୧୦୦ ମିଟର ପର୍ଯ୍ୟନ୍ତ ସାଇକେଲଟିକୁ ଚଲାଇଥିଲେ। ଯଦ୍ୱାରା ସାଇକେଲଟି ଚଲାଇବାଯୋଗ୍ୟ ସବୁଠୁ ଉଚ୍ଚା ସାଇକେଲ ଭାବେ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଲା।

# କଥା ହୋଇପାରୁ ନ ଥିବା ଲୋକ ଏବେ କହିପାରିବେ କଥା

ମଣିଷର ଭୋକାଲ କର୍ଡରେ ଯଦି କିଛି ସମସ୍ୟା ଥାଏ ତେବେ ସେ କଥା ହୋଇପାରନ୍ତି ନାହିଁ ଅବା କଥା କହିବାରେ ସମସ୍ୟା ଉପୁଜିଥାଏ। ତେବେ ଏକ ଖୁସି ଖବର ଯେ, ଏବେ ଏଭଳି ସମସ୍ୟା ଆଉ ଦେଖା ଦେବନି। କାରଣ ଆସିଯାଇଛି ଏମିତି ଏକ ଗ୍ୟାଜେଟ୍ ଯାହାଦ୍ୱାରା ଭୋକାଲ କର୍ଡରେ ସମସ୍ୟା ଥିଲେ ବି ଲୋକେ କଥା କହିପାରିବେ। ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ଗବେଷକମାନେ ତିଆରି କରିଛନ୍ତି ଏକ ସେଲ୍ଫ ପାୱାରଡ୍ ଥ୍ରୋଟ୍ ପ୍ୟାଚ୍। ଯାହା ଗଳା ମାଂସପେଶୀର ମୁଭମେଣ୍ଟକୁ କଥାରେ କନଭର୍ଟ କରିପାରିବ। ଫଳରେ ବିନା ଭୋକାଲ କର୍ଡରେ ଏହି ଥ୍ରୋଟ୍ ପ୍ୟାଚ୍ ସାହାଯ୍ୟରେ ଲୋକେ କଥା ହୋଇପାରିବେ। ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ବାୟୋଇଞ୍ଜିନିୟରିଂର ଆସିଷ୍ଟାଣ୍ଟ ପ୍ରଫେସର ଜୁନ୍ ଚେନଙ୍କ ମୁଣ୍ଡକୁ ସେତେବେଳେ ଏହି ଗ୍ୟାଜେଟ୍ ତିଆରି ଆଇଡ଼ିଆ ଆସିଥିଲା ଯେବେ ଘଣ୍ଟା ଘଣ୍ଟା ଲେକ୍ଚର ଦେବା ପରେ ତାଙ୍କ ଗଳା ଥକିଯାଉଥିଲା। ସେ ଭାବିଲେ ଏମିତି କିଛି ତିଆରି କରିବା ପାଇଁ ଯାହା ସାହାଯ୍ୟରେ ଲୋକେ ବିନା ଭୋକାଲ କର୍ଡ ବ୍ୟବହାର କରି କଥା ହୋଇପାରିବେ। ଶେଷରେ ସେ ତିଆରି କଲେ ଏହି ଥ୍ରୋଟ୍ ପ୍ୟାଚ୍। ଯାହା ବ୍ୟକ୍ତିଙ୍କ ଗଳାରେ ଲାଗିକି ରହେ ଓ ଏଆଇ ଟେକ୍ନୋଲୋଜି ବ୍ୟବହାର କରି ମସଲ୍ ମୁଭମେଣ୍ଟକୁ ଡିକୋଡ କରି ସ୍ପିଚ୍‌ରେ ପରିବର୍ତ୍ତିତ କରେ। ଏହି ଡିଭାଇସ୍‌ଟି ବହୁତ ହାଲୁକା, ମାତ୍ର ୭.୨ ଗ୍ରାମ୍‌ର। ଏହା ସ୍ଟ୍ରେଚ୍ ରେଜିଷ୍ଟାନ୍ସ, ତା'ସହ ଗଳାର ମସଲ୍ ମୁଭମେଣ୍ଟକୁ ବୈଦ୍ୟୁତିକ ଶକ୍ତିରେ ରୂପାନ୍ତରିତ କରିପାରେ। ତେଣୁ ଏହାକୁ ଅପରେଟ୍ କରିବା ଲାଗି ବ୍ୟାଟେରିର ଆବଶ୍ୟକତା ପଡ଼େ ନାହିଁ। ଉକ୍ତ ଛୋଟିଆ ଡିଭାଇସ୍ ପାଞ୍ଚୋଟି ପତଳା ଲେୟାରରେ ତିଆରି। ବାହ୍ୟ ଆସ୍ତରଣ ସଫ୍ଟ ଫ୍ଲେକ୍ସିବଲ ସିଲିକନ୍‌ରେ ଏବଂ ମଝି ଆସ୍ତରଣ ସିଲିକନ୍ ଓ ମାଇକ୍ରୋମାଗନେଟ୍‌ରେ ତିଆରି। ଅନ୍ୟ ଦୁଇ ମଝି ଲେୟାରରେ କପର୍ ତାରର କଏଲ ଥାଏ। ଏହି ଡିଭାଇସ୍ ୯୫% ମସଲ୍ ମୁଭମେଣ୍ଟକୁ ଠିକ୍ ସ୍ପିଚ୍‌ରେ ପରିଣତ କରିପାରୁଥିବା ଦାବି କରାଯାଏ।

